ଧରିତ୍ରୀ
DHARITRI
May 1-7, 2022 ₹2/-

# ମଫସଲ



# ଶ୍ରମିକ ହାଟ

୩
ପ୍ରଚ୍ଛଦ ପ୍ରସଙ୍ଗ

ଶ୍ରମ ପାଇଁ ଏମାନେ ଏକାଠି ହୁଅନ୍ତି, ଶ୍ରମ ବିକିବା ପାଇଁ ଅପେକ୍ଷା ରଖନ୍ତି। ପ୍ରତିଦିନ ସକାଳୁ ସକାଳୁ ବିଭିନ୍ନ ଛକ ଜାଗାରେ ଦେଖିବାକୁ ମିଳେ ଏମିତି ଅପେକ୍ଷାରତ ଶ୍ରମିକମାନଙ୍କୁ...



# କେଉଁଠି ରଖିବେ ଲାଫିଙ୍ଗ୍ ବୁଦ୍ଧ ମୂର୍ତ୍ତି

ବାସ୍ତୁଶାସ୍ତ୍ର ଅନୁସାରେ ଲାଫିଙ୍ଗ୍ ବୁଦ୍ଧଙ୍କ ମୂର୍ତ୍ତିକୁ ଘରେ ରଖିବା ଅତ୍ୟନ୍ତ ଶୁଭ ହୋଇଥାଏ। କାରଣ ତାଙ୍କର ହସୁଥିବା ଭଙ୍ଗୀକୁ ଦେଖିଲେ ମନରେ ସକରାତ୍ମକ ଭାବନା ଜାଗ୍ରତ ହେବା ସହ ଘରେ ସୁଖଶାନ୍ତି ବୃଦ୍ଧି ପାଇଥାଏ ବୋଲି ବିଶ୍ୱାସ କରାଯାଏ। ତେବେ ଏହି ମୂର୍ତ୍ତିର ଆଉ କ'ଣ ସବୁ ଫାଇଦା ରହିଛି ଆସନ୍ତୁ ଜାଣିବା ସେ ସମ୍ପର୍କରେ...



*ବାସ୍ତୁଶାସ୍ତ୍ରରେ ଲାଫିଙ୍ଗ୍ ବୁଦ୍ଧଙ୍କ ମୂର୍ତ୍ତିକୁ ଐଶ୍ୱର୍ଯ୍ୟର ପ୍ରତୀକ ବୋଲି ବିବେଚନା କରାଯାଇଥାଏ। କୁହାଯାଏ, ଏହି ମୂର୍ତ୍ତିକୁ ଘରେ ରଖିଲେ ଗୃହରେ ଉନ୍ନତି ହେବା ସହ ପରିବାରରେ ଶାନ୍ତି ବଜାୟ ରହିଥାଏ।

*ବାସ୍ତବରେ ହସୁଥିବା ଲାଫିଙ୍ଗ୍ ବୁଦ୍ଧଙ୍କ ମୂର୍ତ୍ତି ନିଜର ଏହି ହାସ୍ୟପୂର୍ଣ୍ଣ ରୂପ ପାଇଁ ଗୃହରେ ଖୁସିର ବାତାବରଣ ଉତ୍ପନ୍ନ କରାଇବାରେ ବେଶ୍ ସହାୟକ ହୋଇଥାଏ। କାରଣ କୌଣସି ହସୁଥିବା ଲୋକର ମୁହଁକୁ ଦେଖିଲେ ଯେମିତି ଆପଣାଛାଏଁ ଆମ ମୁହଁରେ ହସ ଫୁଟିଆସେ, ଠିକ୍ ସେମିତି ଏହି ହସୁଥିବା ମୂର୍ତ୍ତିକୁ ଦେଖିଲେ ସ୍ୱତଃ ମୁହଁରେ ହସ ଆସିଗଲା ଭଳି ଅନୁଭବ ହୁଏ।

*ଖାସ୍ ସେଥିପାଇଁ ଏହି ମୂର୍ତ୍ତିକୁ ଘରର ମୁଖ୍ୟ ଦ୍ୱାରର ସାମ୍ନାରେ ରଖିବାକୁ କୁହାଯାଇଥାଏ। ଫଳରେ ଘରକୁ ଆସୁଥିବା ପ୍ରତ୍ୟେକ ବ୍ୟକ୍ତି ଏହି ମୂର୍ତ୍ତିକୁ ଦେଖି ଖୁସି ମନରେ ଘରକୁ ପ୍ରବେଶ କରିବେ। ଯାହାର ପ୍ରଭାବରେ ଘରର ସଦସ୍ୟ ପ୍ରସନ୍ନଚିତ୍ତ ରହିବା ସହ ଘରେ ସ୍ୱତଃ ଆର୍ଥିକ ଉନ୍ନତିର ବାଟ ଖୋଲିଯିବ।

## ଏ ସପ୍ତାହର ରାଶିଫଳ

ଜ୍ୟୋତିର୍ବିଦ୍ୟା ବିଶାରଦ ପ୍ରସନ୍ନ କୁମାର ମହାପାତ୍ର

ମେ ୧-୭

**ମେଷ**: କାର୍ଯ୍ୟଦକ୍ଷତାରୁ ପ୍ରଶଂସା, ସଭାକୁ ନିମନ୍ତ୍ରଣ, ମାନସିକ ସ୍ଥିତି ଭଲ ରହିବ, ଆଶ୍ୱସ୍ତି ଅନୁଭବ କରିବେ, ସ୍ୱାସ୍ଥ୍ୟରେ ଉନ୍ନତି, ଆର୍ଥିକ ପ୍ରଗତି, ସହକର୍ମୀଙ୍କ ସହଯୋଗ, ଖର୍ଚ୍ଚଭାର ବୃଦ୍ଧି, ଆନୁଷ୍ଠାନିକ କାର୍ଯ୍ୟାରମ୍ଭ, ପାରିବାରିକ ସମସ୍ୟା ॥

**ବୃଷ**: ବିବାଦୀୟ ପରିସ୍ଥିତି, ଲକ୍ଷ୍ୟପ୍ରାପ୍ତିରେ ପ୍ରତିବନ୍ଧକ, ନୂତନ ଗୃହାରମ୍ଭ, ଜମିଜମା ରେଜିଷ୍ଟ୍ରେସନ, ଉଚ୍ଚତର ଶିକ୍ଷା, ଗବେଷଣାରେ ସଫଳତା, ପ୍ରକାଶନରେ ବିଳମ୍ବ, ନିର୍ମାଣରେ କଳହ, ମାନସିକ ଅଶାନ୍ତି ॥

**ମିଥୁନ**: କର୍ମଜଞ୍ଜାଳ ବଢ଼ିବ, ମାନସିକ ଚାପରେ ଅତିଷ୍ଠ ହେବେ, ସାଂଗଠନିକ କାର୍ଯ୍ୟାରମ୍ଭ, ସଭା ସମିତିକୁ ଆହ୍ୱାନ, କଚେରୀ ମାମଲାରେ ବାଇଦା, ପାରିବାରିକ ଦ୍ୱନ୍ଦ୍ୱ, ଅଭାବ ଲାଗି ରହିବ, ଅପବାଦ ପାଇବେ ॥

**କର୍କଟ**: ନିୟନ୍ତ୍ରିତ ସ୍ୱାସ୍ଥ୍ୟ, ପ୍ରଶାସନିକ ସଫଳତା, ଶିଳ୍ପ ବାଣିଜ୍ୟରେ ଉନ୍ନତି, ଭାବପ୍ରବଣତାରେ ଭାସିବେ, ସହକର୍ମୀ ଉପରେ କ୍ରୋଧ, ସାମାଜିକ ସମ୍ମାନ, ଶତ୍ରୁତା ସମାଧାନ, ଯାତ୍ରାରେ ସଫଳତା, ସାହିତ୍ୟାନୁରାଗ, ମାଲିମକଦ୍ଦମାରେ ବିଜୟ ॥

**ସିଂହ**: କାର୍ଯ୍ୟକ୍ଷେତ୍ରରେ ବ୍ୟତିକ୍ରମ, ନିର୍ଣ୍ଣାୟକ ଭୂମିକା ନେବେ, ସ୍ୱାସ୍ଥ୍ୟଗତ ସମସ୍ୟା, ଭୁଲ୍ ବୁଝାମଣାରୁ ଦ୍ୱନ୍ଦ୍ୱ, ପ୍ରିୟବନ୍ଧୁଙ୍କ ସାହାଯ୍ୟ, ବ୍ୟବସାୟରେ କ୍ଷତି, ନୂତନ ଯୋଜନାରମ୍ଭ, ଆଲୋଚନାରେ ସହମତି, ହସଖୁସିର ସୁଯୋଗ ॥

**କନ୍ୟା**: ବିଳମ୍ବିତ କାର୍ଯ୍ୟ, କୈଫିୟତ ତଲବ, ପ୍ରତିଦ୍ୱନ୍ଦ୍ୱିତା ବଢ଼ିବ, ବନ୍ଧୁଙ୍କ ସାହାଯ୍ୟ ଓ ସମର୍ଥନ। ଶାରୀରିକ ଅସୁସ୍ଥତା, ମନୋରଞ୍ଜନରେ ଅରୁଚି, ଯାନ୍ତ୍ରିକ ଜିନିଷ ବିକ୍ରୟ, ଆର୍ଥିକ ଅବନତି, ପ୍ରତିବନ୍ଧକର ସାମନା ॥

**ତୁଳା**: ନୂତନ ଯୋଜନା, ଆନୁସଙ୍ଗିକ ସାହାଯ୍ୟ ପ୍ରାପ୍ତି, ପ୍ରଶାସନିକ ତତ୍ପରତା, ଅଦାଲତର ନୋଟିସ୍, ଏଜେନ୍ସିର ପ୍ରସାର, ଚୁକ୍ତିପତ୍ର ସମ୍ପାଦନ, ପ୍ରଗତିର ପଥରୋଧ। ରପ୍ତାନୀ ବାଣିଜ୍ୟରୁ ଲାଭ, ବିଦେଶ ଯାତ୍ରାର ସୁଯୋଗ ॥

**ବିଛା**: ଅଭାବ ଲାଗି ରହିବ, ଅତୀତ ସମସ୍ୟାର ଆଲୋଡ଼ନ, ପାରିବାରିକ ଅଶାନ୍ତି, ଅସମର୍ଥିତ ଖବର, ମିଥ୍ୟା ଅଭିଯୋଗ। ଶେୟାର ବଜାରରେ ଉନ୍ନତି, ସ୍ୱାସ୍ଥ୍ୟହାନୀରୁ ମନସ୍ତାପ, ବିବାଦୀୟ ପରିସ୍ଥିତି, ରହସ୍ୟଜନକ କର୍ମରେ ପ୍ରବେଶ ॥

**ଧନୁ**: ସୁସ୍ଥ ଜୀବନଚର୍ଯ୍ୟା, ବୁଝାମଣାରେ ଉନ୍ନତି, ପାରିବାରିକ ସହମତି, ଗୁରୁଦାୟିତ୍ୱ ଗ୍ରହଣ, ରାଜନୈତିକ ସମ୍ମାନ, ବାକ୍ ଅସଂଯମତାରୁ କଳହ, ପରଶ୍ରୀକାତରତାରୁ ମନ ଦୁଃଖ, ସରକାରୀସ୍ତରରୁ ସହାୟତା, ସାଂସ୍କୃତିକ କାର୍ଯ୍ୟାରମ୍ଭ, ତୀର୍ଥାଟନ ଯୋଗ ॥

**ମକର**: ସହକର୍ମୀଙ୍କ ସହାନୁଭୂତି, ତ୍ୱରାନ୍ୱିତ କାର୍ଯ୍ୟ, ସମସ୍ୟାର ସମାଧାନ, ପରିସ୍ଥିତି ସୁଧୁରିବ, ହୃଦ୍‌ସମ୍ପର୍କ ଫେରିବ, ଉପରିସ୍ଥ କର୍ମଚାରୀଙ୍କ ପ୍ରତିଶ୍ରୁତି, ଭ୍ରମଣ ସୁଯୋଗ ପାଇବେ, ଆଇନ ସହାୟତା ପ୍ରାପ୍ତି, ପଦୋନ୍ନତିର ସୂଚନା ॥

**କୁମ୍ଭ**: ପ୍ରତିବନ୍ଧକ ଦୂରହେବ, ମିତ୍ରବନ୍ଧୁ ସମାଗମ, ବୁଦ୍ଧିଜୀବୀଙ୍କ ପ୍ରଶଂସା, ପ୍ରତିଦ୍ୱନ୍ଦ୍ୱିତାରେ ବିଜୟ, ବୈଷୟିକ ଅଭିବୃଦ୍ଧି, ଆର୍ଥିକ ଉନ୍ନତି, କର୍ମକ୍ଷେତ୍ରରେ ମିଥ୍ୟାଭିଯୋଗ, ଆତ୍ମୀୟଙ୍କ ପରୋକ୍ଷ ଶତ୍ରୁତା, ଋଣପରିଶୋଧ କରିବେ ॥

**ମୀନ**: ଅନୁକୂଳ ବାତାବରଣ, ଆନୁସଙ୍ଗିକ ସହଯୋଗ, ହିତୈଷୀଙ୍କ ପ୍ରେରଣା, ଫଳପ୍ରଦ ଆଲୋଚନା, ଯାନବାହନ କ୍ରୟ, ସନ୍ତାନଙ୍କ କୃତିତ୍ୱ, ରୋଗପୀଡ଼ା କମିବ, ଧର୍ମକାର୍ଯ୍ୟ କରିବେ, ସ୍ଥାନ ପରିବର୍ତ୍ତନର ଚିନ୍ତା, ଦୂରଯାତ୍ରାର ପ୍ରସ୍ତୁତି, ସାମାଜିକ ପ୍ରତିଷ୍ଠା ॥

# ସୁଖଶାନ୍ତି ବୃଦ୍ଧିରେ ଲୁଣର ଭୂମିକା

ଘରର ସୁଖ ଶାନ୍ତି ବୃଦ୍ଧି କରିବାରେ ମଧ୍ୟ ଲୁଣର ରହିଛି ବହୁ ଗୁରୁତ୍ୱପୂର୍ଣ୍ଣ ଭୂମିକା। ବାସ୍ତୁଶାସ୍ତ୍ର ଅନୁଯାୟୀ, ଘରର ସଦସ୍ୟଙ୍କ ଭିତରେ କଳହ ଲାଗୁଥିଲେ କିମ୍ବା ସ୍ୱାମୀସ୍ତ୍ରୀଙ୍କ ଭିତରେ ବାରମ୍ବାର ମନାନ୍ତର ହେଉଥିଲେ, ଶୟନ କକ୍ଷର ଗୋଟିଏ କୋଣରେ କିଛି ଲୁଣ ଗିନାରେ ଭର୍ତ୍ତି କରି ରଖିଦେବେ। ମାସେ ପରେ ଉକ୍ତ ଲୁଣକୁ କାଢ଼ିନେଇ ପୂର୍ବବାର ସେହି ଉପାୟରେ କିଛି ନୂଆ ଲୁଣକୁ ରଖିବେ। କିଛିଦିନ ଏପରି କଲେ ଘରେ ଶାନ୍ତି ବଜାୟ ରହିଥାଏ ବୋଲି ବିଶ୍ୱାସ କରାଯାଏ। ଏହାଛଡ଼ା କେହି କେହି ବିଶ୍ୱାସ କରନ୍ତି ଯେ, ଘର ପୋଛିବା ସମୟରେ ପାଣିରେ କିଛି ଲୁଣ ମିଶାଇ ପୋଛିଲେ ଘରେ ଥିବା ନକାରାତ୍ମକ ଉର୍ଜା ନଷ୍ଟ ହୋଇ ଘରେ କ୍ରମେ ସୁଖଶାନ୍ତି ବୃଦ୍ଧି ପାଇଥାଏ। ଏହି ଉପାୟ ଦ୍ୱାରା ମାନସିକ ଅଶାନ୍ତି ଦୂର ହୋଇ ଘରେ ସକାରାତ୍ମକ ଉର୍ଜା ମଧ୍ୟ ଉତ୍ପନ୍ନ ହୋଇଥାଏ। ସେହିପରି, ଘରେ କାହାରି ଦେହ ଖରାପ ହୋଇଥିଲେ, ତାଙ୍କ ମୁଣ୍ଡ ପାଖରେ ଗିନାରେ କିଛି ଲୁଣ ରଖିଦେଲେ, କୁହାଯାଏ ଧୀରେ ଧୀରେ ରୋଗୀ ଭୁଆଡ଼େ ଠିକ୍ ହେବାକୁ ଲାଗିଥାନ୍ତି। କିନ୍ତୁ ଧ୍ୟାନ ଦେବେ ଶୋଇଲା ବେଳେ ରୋଗୀଙ୍କ ମୁଣ୍ଡ ଯେମିତି ପୂର୍ବ ଦିଗକୁ ରହୁଥିବ, ଯଦ୍ୱାରା ଶୀଘ୍ର ସୁଫଳ ମିଳିପାରିବ।



## ପାଠକୀୟ

* ଗାଁ ଚାରିପାଖରେ ପାଣି। ପାଣିକୁ ନେଇ ସେମାନଙ୍କ ଜୀବନ ଜୀବିକା, ହେଲେ ବିଶୁଦ୍ଧ ପାନୀୟଜଳ ଟୋପେ ପାଇବା ପାଇଁ ସେମାନେ ଭୋଗୁଛନ୍ତି ନାହିଁ ନଥିବା ସମସ୍ୟା। ଏହି ସମସ୍ୟା ଘେରରେ ରହିଛନ୍ତି ଚିଲିକା ଅଞ୍ଚଳର ଏକାଧିକ ଗାଁ। ତେଣୁ ଏଭଳି ଏକ ସମୟୋପଯୋଗୀ ବିଷୟକୁ ନେଇ ସ୍ୱତନ୍ତ୍ର ଭାବେ ଉପସ୍ଥାପନା ହୋଇଥିବା ଏଥରର ପ୍ରଚ୍ଛଦ ପ୍ରସଙ୍ଗ 'ପାଣି ଅଛି ପାଣି ନାହିଁ' ଏକ ସୁନ୍ଦର ଆଲେଖ୍ୟ ଥିଲା। 'ବାସ୍ତୁ ଅନୁସାରେ ପିଲାଙ୍କ ରୁମ୍' ଏବଂ 'କେମିତି ଦୂର କରିବେ ଝାଳର ଦୁର୍ଗନ୍ଧ' ଆଦି ପାଠଗୁଡ଼ିକରୁ ଅନେକ ନୂଆ କଥା ଜାଣିହେଲା।

*–ଅଶୋକ ମହାନ୍ତି, ଚକ୍ରତୀର୍ଥ ରୋଡ଼, ପୁରୀ-୨*

*ପ୍ରକୃତିର ଅମୂଲ୍ୟ ସମ୍ପଦ ଜଳ। କିନ୍ତୁ ଦିନକୁ ଦିନ କମି କମି ଚାଲିଛି ଭୂ-ତଳ ଜଳସ୍ତର। ସେଥିପାଇଁ କିଛି ଲୋକଙ୍କୁ ମିଳିପାରୁନି ମଧୁରଜଳ, ସୁଧୁରିପାରୁନି ସେମାନଙ୍କର ଜଳ ସମସ୍ୟା। ପାନୀୟ ଜଳର ଅଭାବ ଯୋଗୁ ସବୁବେଳେ ଏମାନେ ଭୋଗିଥାନ୍ତି ନାହିଁ ନଥିବା ଅସୁବିଧା। ତେଣୁ ଏହି ପାଣି ସମସ୍ୟାକୁ ନେଇ ଲିଖିତ ପ୍ରଚ୍ଛଦ ପ୍ରସଙ୍ଗ 'ପାଣି ଅଛି ପାଣି ନାହିଁ'ଟି ଏକ ସମୟୋପଯୋଗୀ ଆଲେଖ୍ୟ ଥିଲା। ଏଥରର ସେଲିବ୍ରିଟି ସିକ୍ରେଟ୍‌ରୁ ଟୁଲ୍‌ବୁଲି ନାୟିକା ଶିବାନୀ ସଙ୍ଗିତାଙ୍କ ଜୀବନି ସମ୍ପର୍କରେ ବହୁ ଅଜଣା କଥା ଜାଣିବାକୁ ମିଳିବାରୁ ଖୁସି ଲାଗିଲା।

*–ଦୟାନିଧି ମିଶ୍ର, ରାଣୀହାଟ, କଟକ*

*ସୃଜନ ପୃଷ୍ଠାରେ ସ୍ଥାନିତ 'ବୋଉ' ଶୀର୍ଷକ ଗପଟି ବେଶ୍ ହୃଦୟସ୍ପର୍ଶୀ ଥିଲା। ବ୍ୟକ୍ତିତ୍ୱ ପୃଷ୍ଠାରୁ କେନ୍ଦ୍ର ସାହିତ୍ୟ ଏକାଡେମୀ ପୁରସ୍କାର ବିଜୟିନୀ କଥାକାର ଗାୟତ୍ରୀ ସରାଫଙ୍କ ଜୀବନି ବିଷୟରେ ବହୁ ଅଜଣା କଥା ଜାଣିହେଲା। ସିନେମା ପୃଷ୍ଠାଟି ମଧ୍ୟ ବେଶ୍ ଆକର୍ଷଣୀୟ ଲାଗୁଥିଲା। ସାଥୀର ଉତ୍ତରଗୁଡ଼ିକ ଏବଂ ଅବସରପ୍ରାପ୍ତ ପ୍ରାଧ୍ୟାପିକା ତଥା ସାହିତ୍ୟିକା ଡ.ବାସନ୍ତୀ ମହାନ୍ତିଙ୍କ ରୋଜଗାର ସମ୍ପର୍କିତ ଅନୁଭୂତିଟି ଖୁବ୍ ମନଛୁଆଁ ହୋଇପାରିଥିଲା।

*–ଧରିତ୍ରୀ ଓଝା, କୁଚିଣ୍ଡା, ସମ୍ବଲପୁର*

*ଏଥରର ଲାଇଫ୍ ଷ୍ଟାଇଲ୍ ପୃଷ୍ଠାରୁ ହ୍ୟାଟ୍ ଫ୍ୟାଶନ ସମ୍ପର୍କରେ ବହୁ ଦରକାରୀ ଟିପ୍ସ ଜାଣିବାକୁ ମିଳିବାରୁ ଖୁସି ଲାଗିଲା। ମଡେଲ୍ ମିରର୍‌ରେ ସୁଧୀର୍ ବେଶ୍ ହ୍ୟାଣ୍ଡସମ୍ ଲାଗୁଥିଲେ। ହାଃ ହାଃ ବି ଖୁବ୍ ମଜାଳିଆ ହୋଇଥିଲା। 'ପ୍ରାକୃତିକ ସୌନ୍ଦର୍ଯ୍ୟରେ ଭରା ନାରକଣ୍ଡା' ସମ୍ପର୍କରେ ବହୁ ଅଜଣା କଥା ସହର ପୃଷ୍ଠାରୁ ଜାଣି ଭଲ ଲାଗିଲା।

*–ସ୍ୱପ୍ନାମୟୀ ସ୍ୱାଇଁ, ଝାରସୁଗୁଡ଼ା*

*ବିବିଧା ପୃଷ୍ଠାରେ ସ୍ଥାନିତ 'ଲୋକେ ଖାଉଛନ୍ତି ବାସନମଜା ସ୍ପଞ୍ଜ!' ଏବଂ ବ୍ୟାକ୍‌ପେଜ୍ ପୃଷ୍ଠାରେ ସ୍ଥାନିତ 'ବେଓ୍ୱଫା ଚାୟୱାଲା', 'ଦେବୀଙ୍କ ଦର୍ଶନ ପାଇଁ ପୁରୁଷ ସାଜନ୍ତି ମହିଳା', 'ପିଣ୍ଡିବେ ଏସି' ଆଦି ପାଠଗୁଡ଼ିକ ଯେତିକି ମଜାଦାର୍ ଥିଲା ସେତିକି ଆଶ୍ଚର୍ଯ୍ୟକର ଥିଲା। ଅନ୍ୟପକ୍ଷେ ଏଥରର ବ୍ୟଙ୍ଗ 'ଭଗବାନ ତୁସି ଗ୍ରେଟ୍ ହୋ' ପାଠଟି ମଧ୍ୟ ବେଶ୍ ଶିକ୍ଷଣୀୟ ହୋଇପାରିଥିଲା।

*–ଦୀପିକା ଭୋଇ, ମୟୂରଭଞ୍ଜ*

### ବିଶେଷ ଚିଠି




ପାଣି ଅଛି ପାଣି ନାହିଁ<br>
ଥିଲା ଏକ ନିଆରା ଆଲେଖ୍ୟ।<br>
ଏଥିରୁ ଜାଣିହେଲା କିଛି ଲୋକଙ୍କର<br>
ଅଛି ଅନେକ ଦୁଃଖ।<br>
ଛୁଟିଦିନରେ ପ୍ରକାଶିତ ଏହି<br>
ପ୍ରଚ୍ଛଦ ପ୍ରସଙ୍ଗ<br>
ପ୍ରେରଣା ଦେଲା ଜାଗ୍ରତ କରାଇଲା<br>
ମନରେ ଭରିଲା ଆବେଗ।<br>
ହେ ମୋର ପ୍ରିୟ ଛୁଟିଦିନ<br>
ସତରେ କିଣି ନେଇଛ ଆମ ସଭିଙ୍କର ମନ।

*–ବିକାଶ ରଞ୍ଜନ ଭୂୟାଁ, ଅଶୋକ ନଗର, ଭୁବନେଶ୍ୱର*

ଧରିତ୍ରୀ ଛୁଟିଦିନ ସମ୍ପାଦକ: ତଥାଗତ ସତପଥୀ

Printed and published by Tathagata Satpathy on behalf of Navajat Printers & Media Pvt. Ltd. and printed at Navajat Printers, B-15, Rasulgarh Industrial Estate, Bhubaneswar-10, Ph.:2549302, Fax : 2549795

ସୂଚନା ଛୁଟିଦିନ ପାଇଁ ଲେଖା ଓ ଫଟୋ ପଠାଇବାର ଇ-ମେଲ୍ ଠିକଣା: chhutidinadharitri@gmail.com






# ଶ୍ରମିକ ହାଟ

ଗାଁ ଅପେକ୍ଷା ସହରରେ ଭଲ ରୋଜଗାର ଆଶାରେ ବହୁ ଦୂରଦୂରାନ୍ତ ଗ୍ରାମାଞ୍ଚଳରୁ ସହରକୁ ପ୍ରତିଦିନ ଧାଇଁ ଆସନ୍ତି ଅନେକ ଲୋକ। ବିଶ୍ୱାସ ଥାଏ କିଛି ନା କିଛି କାମ ମିଳିଯିବ ନିଶ୍ଚୟ। ସେଇଥିପାଇଁ ସେମାନେ ଗୋଟିଏ ନିର୍ଦ୍ଦିଷ୍ଟ ଛକରେ ପ୍ରତିଦିନ ସେମାନେ ଏକାଠି ହୋଇ ଅପେକ୍ଷା ରଖନ୍ତି କେତେବେଳେ କିଏ ଆସି ତାଙ୍କୁ ଡାକିବ କାମ ପାଇଁ। ସେମାନଙ୍କ ପାଇଁ କାମର ବି କୌଣସି ନିର୍ଦ୍ଦିଷ୍ଟ ସଜ୍ଞା ନଥାଏ। କାଠହଣା ଠାରୁ ଆରମ୍ଭ କରି ବାଲି, ଗୋଡ଼ି କାମ ପର୍ଯ୍ୟନ୍ତ ଯିଏ ଯେଉଁ କାମ ଦେବ ତାହା କରିବାକୁ ସେମାନେ ପ୍ରସ୍ତୁତ। ପ୍ରତିଦିନ ମଜୁରି ମିଳିବା ଆଶାରେ ଘଣ୍ଟା ଘଣ୍ଟାଧରି ଅପେକ୍ଷା କରିବାକୁ ପଡିଥାଏ ସେମାନଙ୍କୁ।

ଅବଶ୍ୟ ଡାକରା ଆସେ ହେଲେ ବେଳେବେଳେ କେତେକଙ୍କ ଭାଗ୍ୟରେ ଘଣ୍ଟା ଘଣ୍ଟା ଅପେକ୍ଷା କଲେ ବି କୌଣସି ଡାକରା ମିଳି ନଥାଏ। ଆଉ ବାଧ ହୋଇ ସେମାନେ ଅପେକ୍ଷା କରି କରି ଫେରିଯାନ୍ତି। ଆଉ ରୋଜଗାରର ସେମାନଙ୍କ ପାଖେ କୌଣସି ଚାରା ନଥାଏ। ପୁଣି ଅପେକ୍ଷା ରଖନ୍ତି ତା' ପରଦିନ ସକାଳକୁ। ପୁଣି ସକାଳ ହେବ ଆଉ ପୁଣିଥରେ ସେମାନେ କାମ ଆଶାରେ ଆସି ପହଁଞ୍ଚିବେ ରାଜଧାନୀର ବିଭିନ୍ନ ଛକ ଜାଗାରେ।

ଭୁବନେଶ୍ୱର ଦେଇ ଯାଇଥିବା ୧୬ନମ୍ବର ଜାତୀୟ ରାଜପଥ କଡ଼ରେ ରହିଛି ନୟାପଲ୍ଲୀ ଦୁର୍ଗାମଣ୍ଡପ ଛକ ଓ ନାବାର୍ଡ ବ୍ୟାଙ୍କ । ଏଠାରେ ପହଁଞ୍ଚିଲା ବେଳକୁ ସମୟ ପ୍ରାୟ ସକାଳ ୭ଟା ହେବ । ବାଇକରୁ ଓହ୍ଲେଇବାକୁ ଫୁର୍‌ସତ ମିଳିନି ହଠାତ୍ ଆମ ପାଖକୁ ଘେରିଆସିଲେ ପ୍ରାୟ ୫/୬ଜଣ ମଧ୍ୟବୟସ୍କ ପୁରୁଷ ଓ ମହିଳା। ସେମାନଙ୍କ ମଧ୍ୟରୁ ଜଣେ କହି ଉଠିଲେ ବାବୁ, କିଛି କାମ ଅଛି କି? ଆମେ ଭଲ କାମକରୁ , କେତେଜଣ ଯିବୁ ...ଇତ୍ୟାଦି। ଏମିତି ବିଭିନ୍ନ ଘରୋଇ କାମରେ ଶ୍ରମଦାନ ପାଇଁ ଆଶା ରଖୁଥିବା ଲୋକଙ୍କ ହାବଭାବରୁ ଜାଣିପାରୁଥିଲୁ ସେମାନଙ୍କ ପଚାରିବାର ଉଦ୍ଦେଶ୍ୟ। ମାତ୍ର କିଛି କ୍ଷଣପରେ ଶ୍ରମଦାନ ପାଇଁ ଉପସ୍ଥିତ ହୋଇଥିବା କେତେଜଣ ବ୍ୟକ୍ତିଙ୍କଠାରୁ ପଚାରି ବୁଝିଥିଲୁ ସେମାନଙ୍କ ପରିସ୍ଥିତି ସମ୍ପର୍କରେ। ଏହି ଛକରେ ଭିଡ଼ ଜମାଇଥିବା ଅଧିକାଂଶ ଲୋକଙ୍କ ପାଖରେ ରହିଥାଏ କେତୋଟି ହାତକରଣା ସାମଗ୍ରୀ। ଏହି ସମୟରେ ହାତରେ ଏକ ଜରିବ୍ୟାଗ୍ ଝୁଲାଇ, କାନ୍ଧରେ ଫାଉଡ଼ା ଏବଂ ମୁଣ୍ଡରେ ଏକ ଝୁଡ଼ିକୁ ମୁଣ୍ଡାଇ ଆସୁଥିବା ଅଶୋକ ପ୍ରଧାନ ଆମ ନିକଟରେ ଆସି ଠିଆ ହେଲେ । ସେ କୁହନ୍ତି, ଆଜକୁ ପ୍ରାୟ ୫ବର୍ଷ ହେବ ଏହି ଛକକୁ ସକାଳୁ ସକାଳୁ ଆସିଥାନ୍ତି। ସାଥିରେ ସଜପଖାଳ ଆଣିଥାନ୍ତି। ଏଠାରେ ବଡ଼ିଭୋରରୁ ପହଞ୍ଚିଗଲେ ମାଲିକମାନେ ଏଠାକୁ ଆସନ୍ତି। ସେମାନଙ୍କ ଆବଶ୍ୟକତା ପଡୁଥିବା ବିଭିନ୍ନ କାମକରିବା ପାଇଁ ମଜୁରି ଦରକୁ ତୁଟାଇ ସେମାନଙ୍କ ସହିତ ଯାଇଥାଉ। ବାଲି ସିମେଣ୍ଟ, ଘରମେଜିଆ ଆଦି ବିଭିନ୍ନ କାମ କରିବାକୁ ପଡ଼େ। କାମସାରି ସନ୍ଧ୍ୟାବେଳକୁ ମୂଲ ଟଙ୍କା ଧରି ଘରକୁ ଫେରିଥାଉ। ପାଖରେ କୋଦାଳ, ଶାବଳ, ଗଇନ୍ତି ରଖି ଅପେକ୍ଷା କରିଥିବା ହରି ଜେନା କୁହନ୍ତି, ଆମେ ଆଞ୍ଚା ଗାଁରୁ ଆସି ପ୍ରାୟ ୮ବର୍ଷ ହେଲା ଏଇ ଭୁବନେଶ୍ୱରରେ ରହି ବାଲିସିମେଣ୍ଟ କାମ କରି ଯାହା ପାରିଶ୍ରମିକ ମିଳୁଛି ସେଥିରେ ଚଳୁଛୁ। ସବୁଦିନ ସକାଳୁ ସକାଳୁ ନୟାପଲ୍ଲୀ ଦୁର୍ଗାମଣ୍ଡପ ଛକକୁ ଆସିବାକୁ ପଡ଼େ। ବସ୍ତି ଅଞ୍ଚଳରେ ଭଡ଼ାନେଇ ରହୁଛୁ। ଏହି ଛକରେ ଜମା ହୋଇଥିବା ପୁରୁଷ ଓ ମହିଳାଙ୍କ ମଧ୍ୟରେ କାହା ହାତରେ ଶାବଳ ଫାଉଡ଼ା ତ ପୁଣି କୋଦାଳ ବା ଆଉ କିଏ ଧରିଥାନ୍ତି ଝୁଡ଼ି, କରଣି ଏମିତି କେତେକ ସରଞ୍ଜାମ। ବେଳକୁ ବେଳ ଲୋକଙ୍କ ଭିଡ଼ ଜମୁଥାଏ। ଏହି ସମୟରେ ପ୍ରାୟ ୩ବର୍ଷର ଝିଅକୁ ଜଣେ ମହିଳା କାଖରେ ଧରିଥାନ୍ତି ଓ ତାଙ୍କ ସାଥିରେ ଜଣେ ପୁରୁଷ ଆସୁଥିବାର ଆମର ନଜର ପଡ଼ିଲା। ପଚାରିବାରୁ ଜାଣିପାରିଥିଲୁ, ସେମାନେ ଥିଲେ ସ୍ୱାମୀ ସ୍ତ୍ରୀ। ସ୍ୱାମୀଙ୍କ ନାଁ ବାଦଲ ବେହେରା। ସେ କୁହନ୍ତି, ଆମ ଘର ବଲାଙ୍ଗୀର ଜିଲାରେ। ୫ବର୍ଷ ଧରି ଭୁବନେଶ୍ୱରରେ ଘରଭଡ଼ା ନେଇ ମଜୁରି ଲାଗି ଚଳୁଛୁ। ପ୍ରତିଦିନ ଏହି ଛକକୁ ଆସି ଥାଉ। ବାବୁମାନଙ୍କ ଘରର ବିଭିନ୍ନ କାମ କରିବା ପାଇଁ ଯାଇଥାଉ। ଏଠାରୁ ଜୟଦେବ ବିହାର ଛକଆଡ଼କୁ ଯାଉଥିବାବେଳେ ଦେଖିଲୁ ଶତାଧିକ ପୁରୁଷମହିଳା ହାତରେ ଝୁଡ଼ି, କରଣି, ଜରିବ୍ୟାଗ, ଟିଫିନ ଧରି ଠିଆ ହୋଇଛନ୍ତି। ଆଉ ନିକଟ ଗଛମୂଳେ ବସିଥିବା ବିରଞ୍ଚି ଭୋଇ କୁହନ୍ତି,

→

**ଶ୍ରମ ବିକିବା ପାଇଁ ଏମାନେ ଏକାଠି ହୁଅନ୍ତି, ଅପେକ୍ଷା ରଖନ୍ତି କେତେବେଳେ କିଏ ଆସି ତାଙ୍କ ଶ୍ରମର ମୂଲ୍ୟ ଦେଇ ତାଙ୍କୁ ନେଇଯିବ। ଭୁବନେଶ୍ୱରର ବିଭିନ୍ନ ଛକ ଜାଗାରେ ଦେଖିବାକୁ ମିଳେ ଏମିତି ଶ୍ରମ ପାଇଁ ଅପେକ୍ଷା ରଖିଥିବା ଶ୍ରମିକମାନଙ୍କୁ ...**











ଗଞ୍ଜାମ ଜିଲାର ଦିଗପହଣ୍ଡି ଅଞ୍ଚଳରୁ ଆସିଛୁ । ଏଠାରେ ପ୍ରାୟ ୧୬ବର୍ଷ ହୋଇଗଲାଣି । ସବୁଦିନ ମଜୁରିଆ ଭାବେ ବାଲିସିମେଣ୍ଟ କାମକରି ପେଟ ପୋଷୁଛୁ। ମାତ୍ର ଦିନେ ଦିନେ କାମପାଇଁ ଅପେକ୍ଷା କରିକରି ଘରକୁ ଫେରିବାକୁ ପଡ଼ିଥାଏ। ନ ହଲେ ଯଦି କେଉଁ ଠିକାଦାର ଆସନ୍ତି ତାଙ୍କ ସାଥିରେ ଗଲେ ସେମାନେ ଆମ ପରିଶ୍ରମ ଟଙ୍କାରୁ ଶହେଟଙ୍କା କାଟି ରଖନ୍ତି। ବାଧ୍ୟରେ ସେମାନଙ୍କୁ ଦେବାକୁ ପଡ଼େ । ଗାଁରେ ଗୋଟିଏ ପୁଅ ଓ ଗୋଟିଏ ଝିଅ ଶାଶୁଶ୍ୱଶୁରଙ୍କ ପାଖେ ଛାଡ଼ି ଆସିଛୁ। ଯେତେବେଳେ ଗାଁରେ କିଛି କାମ ପଡୁଛି ଘରକୁ ଯାଉଛୁ। ବ୍ରହ୍ମପୁରରୁ ଆସିଥିବା କୁମାରୀ ସେଠୀ କୁହନ୍ତି, ମୋର ଦୁଇଝିଅ, ଦୁଇପୁଅ ଗାଁରେ ଅଛନ୍ତି। ଆମେ ସ୍ୱାମୀ ସ୍ତ୍ରୀ ଭୁବନେଶ୍ୱରରେ ରହି ବିଭିନ୍ନଘର କାମ କରୁଛୁ। ପ୍ରାୟ ୧୦ବର୍ଷଧରି ରହିଲୁଣି। ଯାହା କିଛି ରୋଜଗାର ହେଉଛି, ସେଥିରୁ ଘରଭଡ଼ା, ଆମଖର୍ଚ୍ଚ ଯାଇ କିଛି ସଞ୍ଚୟ କରୁଛୁ । ସେଥିରୁ ପିଲାମାନଙ୍କ ଚଳିବା ପାଇଁ ଘରକୁ ପଠାଉଛୁ। ଏଥର ଯାଇ ପହଞ୍ଚିଥିଲୁ ପଟିଆ ଛକରେ। ବିଭିନ୍ନ କ୍ଷେତ୍ରରେ ପରିଶ୍ରମ ପାଇଁ ଅପେକ୍ଷା କରି ରହିଥାନ୍ତି କେତେଜଣ ପୁରୁଷ ଓ ମହିଳା ଶ୍ରମିକ। ରଙ୍ଗି ଦେଈ କୁହନ୍ତ, ଏବେ ମୋର ବୟସ ପ୍ରାୟ ୫୮ହେଲାଣି। ତାଙ୍କ ସ୍ୱାମୀଙ୍କ ଆଡ଼କୁ ହାତ ଦେଖାଇ କହିଲେ ତାଙ୍କୁ ବି ୬୫ ହେଲାଣି । କ'ଣ କରିବୁ ଏ ବୟସରେ ଅଧିକ ପରିଶ୍ରମ କରିବାକୁ ପଡୁଛି। ତଥାପି କାହାରିକୁ କିଛି ପ୍ରତିବାଦ କରିବାର ନାହିଁ। ଖଟୁଛୁ ଖାଉଛୁ। ମାଲିକଙ୍କ ଦୟାରେ ଦାନାପାଣି ମିଳୁଛି। ଯେତେଦିନ ଯାଏ ହାତଗୋଡ଼ ଚାଲିଥିବ କାମକରି ବଞ୍ଚିଥିବୁ। ହେଲେ ଲେବର କାର୍ଡଖଣ୍ଡେ କରିପାରି ନାହୁଁ। ଶୁଣିଛି ସେଥିରେ କୁଆଡ଼େ କେହି କେହି ସବୁ ସରକାରୀ ଟଙ୍କା ପାଇଛନ୍ତି। ଆମେ ତ ମୂର୍ଖ ଲୋକ, ଏତେକଥା କେମିତି ଜାଣିବୁ। ଏଇ ଛକରେ ଆସି ଠିଆ ହେଉଛି ମାଲିକଙ୍କ ଘରକୁ ଗଲେ ବାସନକୁସନ ସଫା କରୁଛି। ସିଏ ଘରର ଛୋଟମୋଟ କିଛିକାମ କରିଦେଉଛନ୍ତି। ଏମିତିରେ ଯାହା ଟଙ୍କା ଦେଲେ ସେଥିରେ ଚଳୁଛୁ। ଖରା,ବର୍ଷା ଓ ଶୀତ ସବୁଦିନ ଏଠି ହାଟବସେ, ଭିଡ଼ଜମେ। ଏଠାରୁ ଯାଇ ପହଞ୍ଚିଥିଲୁ ଲିଙ୍ଗରାଜ ଷ୍ଟେଶନ ରୋଡ୍‌ରେ । ବହୁ ସଂଖ୍ୟକ ଶ୍ରମିକ ରୁଣ୍ଡ ହୋଇଥାନ୍ତି। ପ୍ରମୋଦ ସାହୁ କୁହନ୍ତି, ଆମ ଘର ଚିଲିକା ବାଣପୁର ଅଞ୍ଚଳରେ । ଆଜକୁ ପ୍ରାୟ ୮ବର୍ଷ ହେଲା ରହିଆସୁଛୁ ଏଇ କାର୍ଗିଲ ବସ୍ତିରେ । କିନ୍ତୁ କାମ ପାଇଁ ଏଇ ଷ୍ଟେଶନ ରୋଡ୍ ଛକରେ ହିଁ ଅପେକ୍ଷା କରିବାକୁ ପଡ଼େ। ସକାଳୁ ସକାଳୁ ବାବୁଭାୟାମାନଙ୍କ ଘରର କାମ କରିବାକୁ ଯାଇଥାଏ। ଯେଉଁଦିନ ଯେଉଁଠି ଯାହା କାମ ମିଳିଲା ସେଥିରୁ ରୋଜଗାର ହୁଏ। ସେହିପରି ହୀନ ନାୟକ ୪୧ବର୍ଷ କୁହନ୍ତି, ପ୍ରାୟ୧୨ବର୍ଷଧରି ଭୂବନେଶ୍ୱରରେ ରହିଲିଣି। ବଡ଼ି ଭୋରରୁ କାମକୁ ଯାଇଥାଏ। ଫେରିଲାବେଳକୁ ପୁଣି ସନ୍ଧ୍ୟା ୫ଟା ହୁଏ। ଯେଉଁଠିକୁ ଯିଏ ଡାକିଲା କାମରେ ଯୋଗଦେଲୁ। ମଜୁରି ୪୫୦ଟଙ୍କା ଦେଉଛନ୍ତି। ସେଥିରୁ ବି ବେଳେ ବେଳେ ଯିଏ ଆମକୁ ନେଇଥାଏ ସେ ଶହେଟଙ୍କା ଲେଖାଏ ରଖିଦିଅନ୍ତି। ରାମ ପରିଡ଼ା କୁହନ୍ତି, ଖଣ୍ଡଗିରି ତପୋବନ ବସ୍ତିରେ ଛୋଟ ଘରଟିଏ ଭଡ଼ା ନେଇ ପରିବାର ସହ ରହୁଛି। ପ୍ରତିଦିନ ଲିଙ୍ଗରାଜ ଷ୍ଟେଶନ ରୋଡ୍ ଆଡ଼େ ଯିବାକୁ ପଡୁଛି। ସେଠାରୁ ବିଭିନ୍ନ ଘରୋଇକାମ ମିଳୁଛି। ଏମିତି ବିତିଗଲାଣି ୭ବର୍ଷ । ସବୁ ଠିକ୍‌ଠାକ୍ ଚାଲିଛି। ସେହିପରି ଭାରତୀ ନାୟକ କୁହନ୍ତି, ପ୍ରତିଦିନ କାଳୁପଡ଼ାଘାଟରୁ ଟ୍ରେନ୍‌ଯୋଗେ କେବେ ଜଟଣୀ ତ କେବେ ଭୁବନେଶ୍ୱର ଆସିଥାଏ । ଜଟଣୀ ହରିଭାଇନା ଛକରେ ଠିଆହେବାକୁ ପଡ଼େ । ଭୁବନେଶ୍ୱର ଲିଙ୍ଗରାଜ ରୋଡ୍‌ଆଡ଼େ ଆସେ। ବିଭିନ୍ନ ଘରୋଇ କାମପାଇଁ ଯାଏ। କାମ ସରିଗଲେ ମଜୁରି ଟଙ୍କା ଧରି ଘରକୁ ଫେରିଥାଏ। ଆମ ଅଞ୍ଚଳରୁ ଶହଶହ ଲୋକ ଏମିତି ଦିନମଜୁରିଆ ଭାବେ ଭୁବନେଶ୍ୱରକୁ ଆସୁଛନ୍ତି। ରବି ନାୟକ କୁହନ୍ତି, ବିଭିନ୍ନ କାମକୁ ନେଇ ଭିନ୍ନ ଭିନ୍ନ ଦର ତୁଟେ। ଦିନମଜୁରିଆଙ୍କ ପାଇଁ ଦିନକର ପରିଶ୍ରମ ବାବଦକୁ ମିଳୁଛି ୪୫୦ଟଙ୍କା। ସକାଳ ୫ରୁ ସନ୍ଧ୍ୟା ୫ଟା ଯାଏ ଖଟିବାକୁ ପଡ଼େ। ନୟାଗଡ଼ ଖଣ୍ଡପଡ଼ା ଅଞ୍ଚଳର ସୁଦାମ ସାହୁ କୁହନ୍ତି, ରାଜଧାନୀରେ ବିଭିନ୍ନ ଛକ ରହିଛି। ଯେଉଁଠି ଆମେ ସକାଳୁ ସକାଳୁ ପହଞ୍ଚିଗଲେ ବାବୁମାନେ ଆସି ସେମାନଙ୍କ ଘରର ବିଭିନ୍ନ କାମରେ ଆମକୁ ଲୋଡ଼ନ୍ତି। ତାଙ୍କ ସହିତ ଯାଇଥାଉ । ଆମ ଗାଁର ପ୍ରାୟ ୮ଜଣ ଏକାଠି ସବୁଦିନ ଆସୁଛୁ । କେଉଁ ଦିନ ଛାତ ପକାଇବା କାମ ତ କେଉଁ ଦିନ ଡ୍ରେନ୍‌ରୁ ମାଟି ସଫାକରିବା ପୁଣି କେଉଁ ଦିନ ବଗିଚା କାମ, ଘର ମରାମତି ଆଦି କରିବାକୁ ପଡ଼େ। ବାଙ୍କୀ ଅଞ୍ଚଳରୁ ଆସିଥିବା ରଘୁ ନାୟକ କୁହନ୍ତି, ଏବେ କଳିଙ୍ଗ ଷ୍ଟୁଡିଓ ଛକ ନିକଟକୁ ସବୁଦିନ ବିଭିନ୍ନ ଆଡୁ ଶ୍ରମିକମାନେ ଆସିଥାନ୍ତି। ବିଭିନ୍ନ କାମରେ ଯାଆନ୍ତି। ଢେଙ୍କାନାଳ ପରଜଙ୍ଗ ଅଞ୍ଚଳରୁ ଆସିଥିବା ରଶ୍ମିରଞ୍ଜନ ପରିଡ଼ା କୁହନ୍ତି, ଗାଁରୁ ଆସି କଟକ ବଜ୍ରକବାଟି ଛକରେ ସକାଳୁ ସକାଳୁ ପହଞ୍ଚିଯାଏ। ଘରୋଇ ବାଲିସିମେଣ୍ଟ କାମପାଇଁ ଯାଉଥିଲି। ଏବେ ୨ବର୍ଷ ହେଲା ଭୁବନେଶ୍ୱର ଆଇଗିଣିଆ ଅଞ୍ଚଳରେ ଘରଭଡ଼ାନେଇ ରହୁଛି। ଏହି ଛକରେ ସକାଳୁ ସକାଳୁ ଶ୍ରମିକମାନଙ୍କ ଭିଡ଼ ଜମୁଛି, ବିଭିନ୍ନ କାମ ମିଳୁଛି। ହେଲେ ଆମର ଏଯାଏ ଲେବର କାର୍ଡଟିଏ ହୋଇପାରିଲା ନାହିଁ। ବୟସ ୬୮ହେଲାଣି । ତଥାପି ପରିଶ୍ରମ କରୁଛି, ହେଲେ ଭୁବନେଶ୍ୱରରେ ରହୁଛୁ ବୋଲି ଦାନାପାଣି ପାଇବାରେ ସୁବିଧା ହେଉଛି। ପ୍ରକୃତ ଶ୍ରମିକଙ୍କୁ ଚିହ୍ନଟ କରାଯାଉନି। ଆମଭଳି ଲୋକଙ୍କୁ ଅଣଦେଖା କରାଯାଉଛି। କାହାକୁ କହିବି, କିଏ ଶୁଣିବ। ଖଟିଲେ ଖାଉଛି । କାହା ଉପରେ ଲଦି ହୋଇ ବଞ୍ଚୁନି। ଏଇଛକରେ ଠିଆ ହେବାରୁ ମାଲିକମାନେ ଆମକୁ କାମ ଦେଉଛନ୍ତି। ଅନ୍ୟପକ୍ଷେ ରାଜ୍ୟର ଅନ୍ୟକେତେକ ସହର ବଜାର ସ୍ଥାନରେ ସକାଳୁ ସକାଳୁ ଶ୍ରମିକମାନଙ୍କ ଭିଡ଼ଜମେ। ମାତ୍ର ବିଭିନ୍ନ ଗ୍ରାମାଞ୍ଚଳରୁ ରାଜଧାନୀକୁ ଜୀବିକା ଅର୍ଜନ ପାଇଁ ଧାଇଁଆସୁଥିବା ଲୋକଙ୍କୁ ଭୁବନେଶ୍ୱରର ଏମିତି କେତେକ ଛକ ଅଞ୍ଚଳ ରୋଜଗାର ପାଇଁ ବାଟ ଦେଖାଇଥାଏ। ସେଥିପାଇଁ ସକାଳୁ ସକାଳୁ ହାଟପରି ଭିଡ଼ ଜମେ। ଏଥିପାଇଁ ଅନେକ ବ୍ୟକ୍ତି ସେମାନଙ୍କ ପରିବାରର ଅନ୍ୟ ସଦସ୍ୟଙ୍କୁ ଗାଁରେ ଛାଡ଼ିଆସି କାମ ପାଇଁ ଏଠାରେ ରହୁଛନ୍ତି। ତେବେ ପ୍ରତ୍ୟେକ ପରିଶ୍ରମୀ ଲୋକଙ୍କ ପ୍ରଚ୍ଛଦପଟରେ ରହିଛି ବହୁ ଅକୁହା କଥା। ଯାହା ସେମାନଙ୍କ ପ୍ରତ୍ୟକ୍ଷ ଅନୁଭୂତିରୁ ବାରି ହୋଇପଡ଼େ। ମାତ୍ର ପେଟପାଟଣା ପାଇଁ ନିଜର ରକ୍ତକୁ ପାଣିକରି କଠିନ ପରିଶ୍ରମ କରନ୍ତି। ଏମାନେ ସମାଜର ବିକାଶ କରନ୍ତି। ଖୁସି ବାଣ୍ଟନ୍ତି। ହେଲେ ସେମାନଙ୍କର ଆର୍ଥିକ ଅଭିବୃଦ୍ଧି ଯେମିତିକୁ ସେମିତି।

ଶ୍ରମ ହିଁ ଜୀବନର ମୂଳମନ୍ତ୍ର। ତେବେ ଶ୍ରମକୁ ବାଦ୍ ଦେଲେ ବିକାଶ କଥା ଚିନ୍ତା କରି ହୁଏନା। କିନ୍ତୁ ଶ୍ରମିକମାନଙ୍କ ବିକାଶ ପାଇଁ କାର୍ଯ୍ୟକାରୀ ହେଉଥିବା ବିଭିନ୍ନ ଯୋଜନା ସମ୍ପର୍କରେ ଅଧିକ ସଚେତନତାର ଆବଶ୍ୟକତା ରହିଛି। ନଚେତ ଶ୍ରମିକମାନଙ୍କ ଉଦ୍ଦେଶ୍ୟରେ କାର୍ଯ୍ୟକାରୀ ହେଉଥିବା ଯୋଜନାଗୁଡ଼ିକର ସଫଳ ରୂପାୟନରେ ବିଳମ୍ୱ ଘଟିବ।

–ବନବିହାରୀ ବେହେରା





# ମହିଳାଙ୍କୁ ମନା











**କାହିଁ କେଉଁ କାଳରୁ ନାରୀକୁ ସବୁବେଳେ ଅନେକ କଟକଣା ମଧ୍ୟରେ ଜିଇବାକୁ ପଡିଛି। ସମୟ ବଦଳିବା ସହ ଏହି ଧାରା ବି ବଦଳିଯିବ ବୋଲି ଅନେକଙ୍କର ଧାରଣା ଥିଲା। କିନ୍ତୁ ଆଜିର ଯୁଗରେ ବି ଅନେକ ସ୍ଥାନରେ ନାରୀଙ୍କ ପାଇଁ ରହିଛି ଅନେକ କଟକଣା। ଆଉ ଆଜି ବି ମହିଳାମାନେ ନିଜ ସ୍ୱାଧିନତା ପାଇଁ କରୁଛନ୍ତି ସଂଗ୍ରାମ...**

**ଷ୍ଟାଡିୟମରେ ଖେଳ ଦେଖିବା ମନା:** ଇରାନରେ ମହିଳାଙ୍କୁ ଷ୍ଟାଡିୟମ୍ ଯାଇ ଭଲିବଲ୍ ଫୁଟବଲ ଓ ଅନ୍ୟ ଖେଳର ମ୍ୟାଚ୍ ଦେଖିବା ମନା। ଏଠାକାର ଆଇନ କାନୁନରେ ଏହା ଲିଖିତଭାବେ ନ ଥିଲେ ବି ଦୀର୍ଘ ୪୦ ବର୍ଷ ହେବ ଏହି କଟକଣା ଲଗାଯାଇଛି। ଆଉ ନିୟମ ଭାଙ୍ଗିବା ଦଣ୍ଡନୀୟ ଅପରାଧ ମଧ୍ୟ।

**ଦେଇପାରିବେ ନାହିଁ ଭୋଟ:** ରୋମର ଭାଟିକାନ ସିଟି ପୃଥିବୀର ସବୁଠାରୁ ଛୋଟ ସହରଭାବେ ପରିଚିତ। ଏଠାରେ ମହିଳାମାନଙ୍କର ଭୋଟ ଦେବାର ଅଧିକାର ନାହିଁ।

**ମହିଳାମାନେ ପୁରୁଷଙ୍କୁ କରିପାରିବେନି ପ୍ରପୋଜ:** ଆମେରିକା ଦେଲାୱେରସ୍ଥ ହ୍ୱାଇଟ୍‌ସଭିଲ୍ଲେରେ ମହିଳାମାନେ ପୁରୁଷଙ୍କୁ ବିବାହ ପାଇଁ ପ୍ରପୋଜ କରିବା ଦଣ୍ଡନୀୟ ଅପରାଧ।

**କିଣି ପାରିବେନି ବାର୍ବି ଡଲ:** ବାର୍ବି ଡଲ ସବୁ ଝିଅଙ୍କର ପ୍ରିୟ। ହେଲେ ସାଉଦି ଆରବର ଝିଅମାନେ ଏହାକୁ କିଣି ପାରିବେନି। କାରଣ ଏହାର ରିଭିଲିଂ ଡ୍ରେସ୍, ଖରାପ ପୋଶ୍ଚର୍, ଆସେସରିଜ୍ ଆଦି ପାଶ୍ଚାତ୍ୟ ସଂସ୍କୃତିର ବାହକ। ଆଉ ଏହା ଇସ୍‌ଲାମ ବିରୋଧି ବୋଲି ଏଠାରେ ମନେ କରାଯାଏ।

**ସ୍କାଇ ଡାଇଭ କରିବା ମନା:** ଆପଣ ଯଦି ଅବିବାହିତ ଅବା ବିଧବା କିମ୍ବା ସିଙ୍ଗଲ ଅଛନ୍ତି ଓ ଆପଣଙ୍କୁ ସ୍କାଇ ଡାଇଭିଂ କରିବା ପସନ୍ଦ। ତେବେ ଫ୍ଲୋରିଡାରେ ରବିବାର ଦିନ ଏହା କେବେ ବି କରିବାକୁ ମନ କରିବେ ନାହିଁ। ଏହି ନିୟମକୁ ନ ମାନିଲେ ଅର୍ଥଦଣ୍ଡ ଅବା ଜେଲଦଣ୍ଡ ବି ଭୋଗିବାକୁ ପଡିପାରେ।

**୬ରୁ ଅଧିକ ଡ୍ରେସ ଟ୍ରାଏ କଲେ ଦଣ୍ଡ:** ସାଧାରଣତଃ ପୋଷାକ କିଣିବାବେଳେ ମହିଳା ହୁଅନ୍ତୁ ଅବା ପୁରୁଷ ଟ୍ରାଏଲ ରୁମ୍‌ରେ ଅନେକ ଡ୍ରେସ୍ ଟ୍ରାଏ କରନ୍ତି। କିନ୍ତୁ ଆମେରିକା, ଇଲିନଏସ୍‌ସ୍ଥ ସହର ଜୋଲିଏଟ୍‌ରେ କୌଣସି ମହିଳା ୬ରୁ ଉର୍ଦ୍ଧ୍ୱ ଡ୍ରେସ୍ ଟ୍ରାଏ କରିବା ମନା। ନିୟମ ଭାଙ୍ଗିଲେ ଆରେଷ୍ଟ ହୋଇପାରନ୍ତି।

**କାର୍ ଚଳାଇବା ମନା:** ଆମେରିକା, ଟେନେସିସ୍ଥ ମେମ୍ଫିସ୍ ଓ ଲୁଇସିଆନାସ୍ଥ ନ୍ୟୁ ଓରଲିନ୍‌ରେ ଅଛି ଏକ ଅଜବ ନିୟମ। ଏଠାରେ ମହିଳା କାର୍ ଚଳାଇବା ମନା। ଯଦିବି ଚଳାନ୍ତି ତେବେ ଜଣେ ପୁରୁଷ ରାସ୍ତାରେ ଯାଉଥିବା ଲୋକ ଓ ଗାଡିକୁ ସତର୍କ କରାଇବା ଲାଗି କାର୍ ସାମ୍‌ନାରେ ପତାକା ଧରି ଦୌଡିବେ ଅବା ଚାଲିବେ। ସାଉଦି ଆରବରେ ବି ମହିଳାଙ୍କ ଗାଡି ଚଳାଇବା ମନା ଥିଲା। ହେଲେ ଏବେ ଏହି ନିୟମକୁ ଉଠାଇ ଦିଆଯାଇଛି।

**ଘରୁ ବାହାରିବା ଲାଗି ଲୋଡା ସ୍ୱାମୀଙ୍କ ଅନୁମତି:** ୟେମେନ୍‌ରେ ମହିଳାଙ୍କୁ ସ୍ୱାମୀଙ୍କ ବିନା ଅନୁମତିରେ ଘରୁ ଗୋଡ କାଢିବା ଅପରାଧଭାବେ ଗ୍ରହଣ କରାଯାଏ। ଅତି ଜରୁରୀ କାମ ଯେମିତିକି ମହିଳାଙ୍କ ବାପାମା'ଙ୍କ ଅବସ୍ଥା ବହୁତ ଖରାପ ଥିଲେ ହିଁ ସ୍ୱାମୀଙ୍କ ବିନା ଅନୁମତିରେ ଯାଇପାରିବେ।

**ବିନା ଅନୁମତିରେ ଲଗାଇପାରିବେନି ନକଲି ଦାନ୍ତ:** ଦାନ୍ତ ଭାଙ୍ଗିଗଲେ ଚେହେରା ଅସୁନ୍ଦର ଦେଖାଯାଏ। ତେଣୁ ଅନେକେ ନକଲି ଦାନ୍ତ ଲଗାଇଥାନ୍ତି। ହେଲେ ଆମେରିକା, ନ୍ୟୁ ଇଂଲଣ୍ଡ ପ୍ରାନ୍ତସ୍ଥ ଭରମୋଣ୍ଟରେ ମହିଳାମାନେ ସ୍ୱାମୀଙ୍କ ଅନୁମତି ନେଇ ହିଁ ନକଲି ଦାନ୍ତ ବ୍ୟବହାର କରିପାରିବେ। ଅନୁମତି ନ ମିଳିବା ଯାଏ ଆଦୌ ଲଗାଇପାରିବେ ନାହିଁ।

**ବିବାହିତ ମହିଳାଙ୍କୁ ୱାଇନ ମନା:** ବଲିଭିଆ, ଲା ପାଜ୍‌ରେ ବିବାହିତ ମହିଳା ୱାଇନ ପିଇବା ମନା। ତେବେ ସ୍ୱାମୀ ଅନୁମତି ଦେଲେ ଅଳ୍ପ ମାତ୍ରାରେ ପିଇପାରିବେ। ଅଧିକ ପିଇଲେ ସ୍ୱାମୀ ଛାଡପତ୍ର ବି ଦେଇପାରନ୍ତି।

**ବଜାର ଯିବା ମନା:** ଉତ୍ତରପ୍ରଦେଶସ୍ଥ ଆସ୍ରା ଗାଁର ଗ୍ରାମ ପଞ୍ଚାୟତ ୨୦୧୨ଠାରୁ ୪୦ ବର୍ଷରୁ କମ୍ ବୟସର ମହିଳାଙ୍କୁ ବଜାର ଯିବା ନିଷିଦ୍ଧ କରିଛି। ଏମିତିକି ଝିଅମାନେ ମୋବାଇଲ ଫୋନ ବ୍ୟବହାର କରିବା ବି ଏଠାରେ ମନା।


**ଆଫଗାନିସ୍ତାନରେ ଅନେକ କିଛି କରିବା ମନା:** ଏଠାରେ ମହିଳାମାନେ ନେଲ ବାର୍ନିଶ ଲଗାଇବା, ଜୋର୍‌ରେ ହସିବା, ହିଲ ପିନ୍ଧିବା ମନା। ତାସହ ଉତ୍ସବ ସମୟରେ ଏକାଧିକ ମହିଳା ଏକାଠି ହେବା ଉପରେ ମଧ୍ୟ କଟକଣା ରହିଛି। ଏମିତିକି ପାଠପଢିବା, ବାହାରେ କାମ କରିବାରେ ବି ପ୍ରତିବନ୍ଧକ ଲଗାଯାଇଛି। ତେବେ ପରିବାରର କୌଣସି ପୁରୁଷ ସାଥୀରେ ରହିଲେ ସେମାନେ ବାହାରକୁ ବାହାରିପାରିବେ।








# ନାଟ୍ୟକାର ମନ୍ମଥ










ଦର୍ଶକଙ୍କୁ ନାଟକ କେବଳ ମନୋରଞ୍ଜନ ଦିଏ ତା'ନୁହେଁ ବରଂ ଏହା ଜନଜାଗରଣର ଏକ ବଳିଷ୍ଠ ମାଧ୍ୟମ। ସମାଜର ନିଚ୍ଛକ ଛବି ନିଖୁଣଭାବେ ନାଟକରେ ହିଁ ପ୍ରତିଫଳିତ ହୋଇଥାଏ। ଏଥିପାଇଁ ଦୀର୍ଘ ୬ ଦଶନ୍ଧି ଧରି ନାଟ୍ୟକଳାକୁ ନେଇ ତାଙ୍କର ଦୁନିଆ, ତାଙ୍କ ଜୀବନ ଓ ସ୍ୱପ୍ନ। ଥିଏଟର, ଅପେରା, ରେଡିଓ, ଟିଭି ଓ ସିନେମା ଆଦି ବିଭିନ୍ନ କ୍ଷେତ୍ରରେ ତାଙ୍କର ଭିନ୍ନ ଭିନ୍ନ ପରିଚୟ। ଓଡ଼ିଶାର ଲୋକକଳା ନାଟକ ସମ୍ପର୍କରେ ଅନେକ ଛାତ୍ରୀଛାତ୍ରଙ୍କୁ ପ୍ରଶିକ୍ଷଣ ଦେଇଥାନ୍ତି। ଲୋକକଳା ଲୋକନାଟ୍ୟ ସଂସ୍କୃତିରେ ଅବଦାନ ପାଇଁ ଓଡ଼ିଶା ସାହିତ୍ୟ ଏକାଡେମୀ ଓ ସଙ୍ଗୀତ ନାଟକ ଏକାଡେମୀ, ସର୍ବ ଭାରତୀୟ ସ୍ତରରେ ଅନେକ ଅନୁଷ୍ଠାନ ତରଫରୁ ତାଙ୍କୁ ମିଳିଛି ଅନେକ ପୁରସ୍କାର ଓ ସମ୍ମାନ। ସେ ହେଲେ ନାଟ୍ୟକାର, ନାଟ୍ୟ ନିର୍ଦ୍ଦେଶକ ପ୍ରାବନ୍ଧିକ ଓ ଗବେଷକ **ମନ୍ମଥ କୁମାର ଶତପଥୀ**। ଜନ୍ମ ୪ ଜୁନ ୧୯୪୪ ମସିହା। ପିତା ପଣ୍ଡିତ ଶ୍ରୀଧର ଶତପଥୀ ଥିଲେ ଜଣେ ଜ୍ୟୋତିର୍ବିଦ୍, କର୍ମକାଣ୍ଡବିତ୍ ଓ ଭଞ୍ଜସାହିତ୍ୟ ଗବେଷକ। ମାତା ଶକୁନ୍ତଳା ଦେବୀ। ଘର ଗଞ୍ଜାମ ଜିଲାର ଭଞ୍ଜନଗର ନିକଟ ବାସୁଦେବପୁର ଶାସନରେ। ସେ କୁହନ୍ତି, ଆମଘର ସାହିତ୍ୟ, ସଂସ୍କୃତିସମ୍ପନ୍ନ ପରିବାର। ଘରେ ୪ ଭାଇ ଓ ୨ ଭଉଣୀଙ୍କ ମଧ୍ୟରେ ମୁଁ ବଡ଼ ଥିଲି। ସେତେବେଳେ ଗାଁ ଚାଟଶାଳୀରେ ପାଠ ପଢିଥିଲି। ୧୯୬୧ରେ ଗଞ୍ଜାମ ଜିଲାପାଳଙ୍କ ଅଫିସ୍‌ରେ କିରାଣିଭାବେ ଚାକିରି କରିଥିଲି। ସମୟକ୍ରମେ ଘରୋଇ ଭାବେ ପରୀକ୍ଷା ଦେଇ ବିଏ ଆକଉଣ୍ଟ୍ସ ପାସ୍ କରିଥିବାରୁ ସେକ୍ରେଟାରିଏଟରେ ଚାକିରି କଲି । ୧୯୯୨ଯାଏ ଅଡିଟରଭାବେ କାର୍ଯ୍ୟ କରିଥିଲି। ପରେ ଅର୍ଥସେବା ବିଭାଗରେ ପଦସ୍ଥ ଅଫିସର ଭାବେ ଯୋଗଦେଇ ୨୦୦୨ରେ ଅବସର ନେଇସାରିଛି। ତେବେ ମୋର ଯାହା ମନେପଡୁଛି ପ୍ରାୟ ୬ ବର୍ଷ ବୟସରୁ ଗାଁ ଦଣ୍ଡ ନାଚରେ ଅଭିନୟ କରୁଥିଲି। ଘରୁ ବୋଉର ଶାଢି ପିନ୍ଧି ନାଚିଛି। ଏମିତି ଅଭ୍ୟାସ ରହିଥିଲା। ସେତେବେଳ ନାଚ ହେଲେ ଗାଁରେ ଦୁହୁଡ଼ି ଜାଳି ଦଣ୍ଡ ନାଚ କରାଯାଉଥିଲା। ଯେତେବେଳେ ଉପେନ୍ଦ୍ରଭଞ୍ଜ ହାଇସ୍କୁଲରେ ପଢୁଥିଲି ସେତେବେଳେ ଛୋଟଛୋଟ ଏକାଙ୍କିକା, ନାଟକରେ ଅଭିନୟ କରିବା ଅଭ୍ୟାସ ଜାରି ରହିଥିଲା। ପିଲାଦିନରୁ କଳାସାହିତ୍ୟ ଓ ଅଭିନୟ ପ୍ରତି ରୁଚି ରହିଥିଲା। ଅନେକ ନାଟକରେ ଅଭିନୟ କରିଥିବାବେଳେ ମୁଖ୍ୟତଃ ସୀତା ହରଣ, ଅଭିମନ୍ୟୁ ବଧ ଆଦି ଗୀତିନାଟ୍ୟରେ ଅଭିନୟ କରିଥିଲି। ସମୟକ୍ରମେ ସାମାଜିକ ନାଟକଭାବେ ମୁଖ୍ୟତଃ ଯୌତୁକ, ଝରାବଉଳ, ଶେଷଶ୍ରାବଣ, ରକ୍ତର ଡାକ, ସେହିପରି ନିର୍ଦ୍ଦେଶନା ଦେଇଥିଲି ଯୌତୁକ, ରକ୍ତର ଡାକ, ପରିଶୋଧ ଏବଂ ରଚନା କରିଥିବା ଏକାଧିକ ନାଟକ ମଧ୍ୟରେ ପ୍ରାୟ ୨୨ଖଣ୍ଡ ପୁସ୍ତକ ଛପା ହୋଇଛି । ସେଥି ମଧ୍ୟରେ ଏ ନୁହେଁ କାହାଣୀ, ବୁଭୁକ୍ଷିତଃ କିମ୍ ନ କରୋତି ପାପଂ, ଉଠକଙ୍କାଳ, ଜିଅନ୍ତା ଶବ, ଆଜିର ମଣିଷ, ଯୌବନତୀର୍ଥ, ବ୍ୟର୍ଥରାଗିଣୀ, ଅରଣ୍ୟବହ୍ନି, ମଣିଷ ଗଛ ଆଦି ନାଟକ ରଚନା କରିଥିଲି। ସର୍ବଭାରତୀୟ ସ୍ତରରେ ଡ୍ରାମାରେ ମୋ ଦ୍ୱାରା ରଚିତ ନାଟକ ବହି ବୁଭୁକ୍ଷିତଃ କିମ୍ ନ କରୋତି ପାପଂ ପୁରସ୍କୃତ ହୋଇଥିଲା। ପୁଣି ଜିଅନ୍ତା ଶବ ଖୁବ୍ ଚର୍ଚ୍ଚିତ ହୋଇଥିଲା। ଆଉ ଅପେରା ନାଟକ ମାଙ୍କଡ଼ ପିନ୍ଧିଛି ଗାନ୍ଧୀ ଟୋପି, ମୁଁ ଚକରା କହୁଛି (ବିପ୍ଳବୀ ଚକରା ବିଷୋୟୀ ସ୍ୱାଧୀନତା ସଂଗ୍ରାମୀଙ୍କ କଥା) ଲୋକଲୋଚନକୁ ଆସିଥିଲା। ପ୍ରାୟ ୨ଶହରୁ ଊର୍ଦ୍ଧ୍ୱ ପ୍ରବନ୍ଧ ଲେଖିସାରିଲିଣି। ସେତେବେଳେ ପୀପାଶା, ପ୍ରତିଧ୍ୱନି, ଅନୁରାଗ, ଏଇ ସଂଘର୍ଷ ଆଦି କେତୋଟି ଓଡ଼ିଆ ଚଳଚ୍ଚିତ୍ରରେ ସଂଳାପ, ଅଭିନୟ ପୁଣି ଆସୋସିଏଟ ନିର୍ଦ୍ଦେଶକ ଭାବେ କାର୍ଯ୍ୟ କରିପାରିଥିଲି। ସମୟକ୍ରମେ ୨୦୦୭ରୁ ୨୦୦୯ ଯାଏ ଓଡ଼ିଶା ସଙ୍ଗୀତ ନାଟକ ଏକାଡେମୀର ସମ୍ପାଦକ ଭାବେ କାର୍ଯ୍ୟ ତୁଲାଇଛି ଓ ବର୍ତ୍ତମାନ ଉପସଭାପତି ରହିଛି। ମୁଁ ଶଙ୍କରା କହୁଛି ନାଟକ ପାଇଁ ଓଡ଼ିଶା ସାହିତ୍ୟ ଏକାଡେମୀ ପୁରସ୍କାର ମିଳିଛି। ସଙ୍ଗୀତ ନାଟକ ଏକାଡେମୀ ଲାଇଫ ଟାଇମ ପୁରସ୍କାର, ଓଡ଼ିଶା ଲୋକକଳା ଗବେଷଣା ପାଇଁ ନ୍ୟାଶନାଲ ଫେଲୋଶିପ ପାଇଛି। ୨୦୧୬ରୁ ଲୋକକଳାର ପୁନରୁଦ୍ଧାର ଚାଲିଛି। ଏଯାଏ ଭାରତୀୟ ବିଦ୍ୟାଭବନଠାରେ ୧୦୭ଟି ଲୋକକଳାର ଏପିସୋଡ ହୋଇସାରିଲାଣି। ପ୍ରାୟ ୯୨ଟି ର ଡକ୍ୟୁମେଣ୍ଟେଶନ ହୋଇସାରିଛି। ଲୋକକଳା ଗବେଷଣା ପାଇଁ ରାଜ୍ୟର ବିଭିନ୍ନ ଅଞ୍ଚଳକୁ ମାସ ମାସ ଧରି ଯାଇଛି। ଏମିତିରେ କନ୍ଧମାଳର କଳିଙ୍ଗଘାଟି ନିକଟରେ ରହିଥିବା ବିଶିପଡ଼ାର ଲଙ୍କାପୋଡ଼ି ଯାତ୍ରାର ପ୍ରସିଦ୍ଧିକୁ ବିଶ୍ୱଦରବାରରେ ପହଞ୍ଚାଇବାର ପ୍ରୟାସ କରିଥିଲି। ପ୍ରାୟ ୨୦୦୮ରୁ ଲୋକକଳା ମଧ୍ୟରେ ପ୍ରହ୍ଲାଦ, ସଖୀ କଣ୍ଢେଇ, ଲଙ୍କାପୋଡ଼ି ଆଦିକୁ ଉଜ୍ଜୀବିତ କରିବାର ଉଦ୍ୟମ ଜାରି ରଖିଥିଲି। ଫେଷ୍ଟିଭାଲ ଆଣ୍ଡ ଫୋକ୍ ଥିଏଟର ଅଫ ଓଡ଼ିଶା ନାମରେ ବହି ବି ପ୍ରକାଶିତ ହୋଇଛି। ଜାତୀୟ ଓ ଅନ୍ତର୍ଜାତୀୟ ସ୍ତରରେ ବେଶ୍ ଖ୍ୟାତି ଅର୍ଜନ କରିଛି। ଇନ୍‌ଫୋସିସ୍ ଫାଉଣ୍ଡେଶନ ଆନୁକୂଲ୍ୟରେ ଆୟୋଜିତ ଲୋକକଳାର ପୁନରୁଦ୍ଧାର କ୍ଷେତ୍ରରେ ଓଡ଼ିଶା ଦାୟିତ୍ୱରେ ରହିଛି। ଓଡ଼ିଶାର ଲୋକକଳାକୁ ସାଧାରଣତଃ ଗାଁର ଲୋକମାନେ ବଞ୍ଚାଇ ରଖିଥାନ୍ତି। ଲୋକକଳା ବଞ୍ଚାଇବା ପାଇଁ ଓଡ଼ିଶାରେ ଲୋକକଳା ତାଲିମ କେନ୍ଦ୍ରର ଆବଶ୍ୟକତା ରହିଛି।

**-ବନବିହାରୀ**











# ନୂଆ ବାଇକ

**–ଶିବାଶିଷ ପାଢ଼ୀ**

**ପ୍ରା**ୟ ତିନିଘଣ୍ଟାର ଘମାଘୋଟ ଆଲୋଚନା ପରେ ସଭା ସମାପ୍ତ ହେଲା। ଦୀର୍ଘ ତିନିମାସ ହେଲା ଲାଗିରହିଥିବା ଅଚଳାବସ୍ଥା ଦୂରହେଲା। ନିଷ୍ପତ୍ତି ହେଲା ମନ୍ଦିର ଖୋଲିବ। ଯାହାସବୁ ଅଭିଯୋଗ ଥିଲା ତାକୁ ବିନା ତଦନ୍ତରେ ଖାରଜ କରିଦେବା ପାଇଁ ସମସ୍ତେ ସମ୍ମତି ପ୍ରକାଶ କଲେ। ନିଷ୍ପତ୍ତି ହେଲା ଯଦି କାହାର କିଛି ବି ଦୋଷ ଥାଏ ତେବେ ଯାହାର ପାପ ତା'ର । ତା' କଥା ଭଗବାନ ବୁଝିବେ। ପ୍ରସ୍ତୁତ ହେଲା ଦୁଇଟି ତାଲିକା । ପନ୍ଦର ପନ୍ଦର ଦିନପାଇଁ ଉଭୟ ଗୋଷ୍ଠିଙ୍କୁ ଦିଆଗଲା ପରିଚାଳନା ଦାୟିତ୍ୱ । ବହୁତ ଖୁସି ଥିଲେ ପୂର୍ବରୁ ମନ୍ଦିରର ହାନିଲାଭ କଥା ବୁଝୁଥିବା ଗୋଷ୍ଠିର ମୁଖିଆ ସୁଦର୍ଶନବାବୁ । ତାଙ୍କ ନାମରେ ହିଁ ତ ଥିଲା ମୁଖ୍ୟ ଅଭିଯୋଗ। ଚାରିଲକ୍ଷ ଟଙ୍କା ହଡପ କରିଥିବାର ଅଭିଯୋଗରୁ ଏବେ ସେ ମୁକ୍ତ ଥିଲେ । ମାତ୍ର ଦୁଇଦିନ ଭିତରେ ସେ ପ୍ରସ୍ତୁତ କରିଥିବା ହିସାବ୍ କିତାବ ସବୁ ଗୃହୀତ ହୋଇ ସାରିଥିଲା।

ବଡ଼ ଧୁମଧାମରେ ମନ୍ଦିରର ପୁନଃପ୍ରତିଷ୍ଠା କରିବା ପାଇଁ ସେ ଦେଇଥିବା ପ୍ରସ୍ତାବକୁ ସମର୍ଥନ କରିଥିଲେ ଅପର ଗୋଷ୍ଠିର ମୁଖ୍ୟ ଡମ୍ବରୁବାବୁ। ଏବେ ଆଉ ମନ ଫଟାଫଟିର କୌଣସି ପ୍ରଶ୍ନ ନ ଥିଲା । ନିଜ ଅର୍ଖ ନୁଆ ହିରୋ ବାଇକରେ ଘରକୁ ଯାଇ ମନ୍ଦିରର ଚାବି ଆଣିଦେଇଥିଲେ ସେ। ନିର୍ଦ୍ଦିଷ୍ଟ ଦିନ ଖୋଲିଥିଲା ମନ୍ଦିର। କେବେଠୁଁ ଶୁଖିଯାଇଥିବା ଫୁଲମାଳ ଭିତରେ ଯେମିତି ଅଣନିଶ୍ୱାସୀ ହୋଇ ପଡ଼ିଥିଲେ ଠାକୁର । ସମସ୍ତେ ଲାଗିଯାଇଥିଲେ ସଫାସୁତୁରାରେ। ବାହାରେ ପୂଜାପାଠର ଆୟୋଜନ ଚାଲିଥିଲା କିନ୍ତୁ ବିଷର୍ଣ୍ଣ ଚିତ୍ତରେ ନିଜ କାମରେ ଲାଗିଥିଲେ ପୂଜକ । ସାବୁନ ପାଣିରେ ଘଷି ଚାଲିଥିଲେ ଠାକୁରଙ୍କ ମାର୍ବଲ ପ୍ରତିମା ସବୁକୁ । ହେଲେ ତାଙ୍କୁ କେଜାଣି କେମିତି ଲାଗୁଥିଲା ଏଇ ତିନିମାସ ଅପୂଜା ରହିବା ଭିତରେ ଯେମିତି ବଦଳି ଯାଇଛନ୍ତି ଠାକୁର ।ଉଡି ଯାଇଛି ତେଜ।

ବାହାରକୁ ବାହାରି ସେଇକଥାକୁ ଜଣାଇଥିଲେ ସେ ସୁଦର୍ଶନବାବୁଙ୍କୁ । ହସି ଦେଇଥିଲେ ସୁଦର୍ଶନବାବୁ। କହିଲେ –ଆପଣ ଚିନ୍ତା କରନ୍ତୁନାହିଁ। ବାରମ୍ବାର ପାଣି ପଡିଲେ ପୁଣି ଚମକି ଉଠିବେ ଠାକୁର ନ ହେଲେ ଆମେ ଏବେ ସହରକୁ ଯାଉଛୁ । ସେଇଠି ଗୋଟିଏ ପ୍ରକାର କେମିକାଲ ମିଳେ ସେ କେମିକାଲ ମିଶା ପାଣିରେ ଥରେ ପୋଛିଦେଲେ ଠାକୁର ପୁଣି ନୁଆ ହୋଇଯିବେ । ଫେରିଯାଇ ନିଜ କାମରେ ଲାଗିଥିଲେ ପୂଜକ ।ଏପଟେ ସହରକୁ ଯିବା ପାଇଁ ସୁଦର୍ଶନ ଡାକିଥିଲେ ଡମ୍ବରୁ ବାବୁଙ୍କୁ । ନିଜ ନୂଆ ବାଇକ ନେଇ ସାଙ୍ଗେସାଙ୍ଗ ଆସିଥିଲେ ସେ। ବାଇକକୁ ଥରେ ରହସ୍ୟମୟ ଚାହାଣିରେ ଚାହିଁଦେଇ ସୁଦର୍ଶନ ହସିଦେଇ କହିଥିଲେ –ଫେରିଲା ବେଳେ ମନେ ପକାଇବ ସେ ମାର୍ବଲ ସଫାକରିବା କେମିକାଲ ଆଣିବା।

ଠିକ ପରଦିନ ହିଁ ମହାଆଡମ୍ବର ସହକାରେ ପୁନଃ ପ୍ରତିଷ୍ଠା କାର୍ଯ୍ୟକ୍ରମ ଚାଲିଥିଲା। କେମିକାଲରେ ଘଷି ହୋଇବି ପୂର୍ବପରି ପୁରା ସଫା ଜଣା ପଡୁ ନ ଥିଲେ ଠାକୁର। ବାହାରେ ଚାଲୁଥିଲା ନାମ ସଂକୀର୍ତ୍ତନ। ଫୁଲମାଳରେ ଢାଙ୍କି ହୋଇଥିଲା ପୁରା ଶରୀର। ତଥାପି ଚେହେରା ଲାଗୁଥିଲା ସମ୍ପୂର୍ଣ୍ଣ ତେଜହୀନ ବ୍ୟସ୍ତ ହେଉଥିଲେ ପୂଜକ। ଆହୁରି ମନପ୍ରାଣ ଦେଇ ମନ୍ତ୍ର ଉଚ୍ଚାରଣ କରୁଥିଲେ ସେ। ତଥାପି ନିରାଶ ହେବାକୁ ପଡୁଥିଲା ତାଙ୍କୁ। ପୂଜା ଶେଷରେ ସେହି କଥା ସେ କହିଥିଲେ ଯୁଗ୍ମ କର୍ତ୍ତା ସାଜିଥିବା ଉଭୟ ମୁଖ୍ୟଙ୍କୁ । ହସି ଦେଇଥିଲେ ସେମାନେ! କହିଲେ – ନାଁ ତ ସେମିତି କିଛି ଜଣା ପଡୁନାହିଁ ବରଂ ସେ କେମିକାଲ ଯୋଗୁଁ ମୂର୍ତ୍ତିସବୁ ନୁଆପରି ଲାଗୁଛନ୍ତି। ଆପଣ ଭଲ କି ଦେଖନ୍ତୁ। ଆଉ ଥରେ ଭଲ କି ଦେଖୁଥିଲେ ପୂଜକ ଏବେ କିନ୍ତୁ ଲାଗୁଥିଲା ଯେମିତି କେଉଁଠୁ ଆସି ଠାକୁରଙ୍କ ଚେହେରାରେ ଲାଖିଯାଇଥିଲା ଧାରେ ହସ। ସେ ଯେମିତି କହୁଥିଲେ–ତୁ ଏକା ସିନା ମୋତେ ମୋ ଭିତରେ ଖୋଜୁଛୁ ସେଇଥିପାଇଁ ତୋତେ ସେମିତି ଲାଗୁଛି। ତୋ ପାଇଁ ତ ମୁଁ ସବୁବେଳେ ଅଛି ! ବାକି ମାନଙ୍କ ପାଇଁ ତ ମୁଁ ପ୍ରତିମା । କାଲି ବି ପ୍ରତିମା ଥିଲି ଆଜି ବି ଅଛି। ଆଉ ପ୍ରତିମାରେ ଭାବ ଭଙ୍ଗିମା ଆସିବ କେଉଁଠୁ ? ? ହଠାତ ହସି ପକାଇଥିଲେ ପୂଜକ। ଆଳତି ଥାଳକୁ ଧରି ବାହାରକୁ ଆସିଥିଲେ ସେ। କିଛି ଦୂରରେ ଛିଡା ହୋଇଥିଲେ ଲୋକେ। ପାଖକୁ ଆସିଗଲେ ସେମାନେ ହେଲେ କିଛି ଦୂରରେ ଛିଡାହୋଇ ଆଲୋଚନାରେ ବ୍ୟସ୍ତ ଥିଲେ ସୁଦର୍ଶନ ଓ ଡମ୍ବରୁ। ସାମାନ୍ୟ ଚାହିଁ ବି ନଥିଲେ ସେମାନେ । ପାଖରେ ଛିଡା ହୋଇଥିଲା ଡମ୍ବରୁଙ୍କ ନୁଆ ବାଇକ!

*–ହେମଗିରି, ସୁନ୍ଦରଗଡ*
*ମୋ: ୯୭୭୮ ୧୭୪୯୭୮*

# ଆଜିର ପ୍ରାର୍ଥନା

**–କୃଷ୍ଣ କୁମାର ମହାନ୍ତି**

**ରା**ତି ପାହିବା ବେଳକୁ କେହି ଜଣେ
ନିରାବରଣ କରିସାରିଛି
ଅନ୍ଧାରଠୁଁ ଧାର୍ କରି କିଣିଥିବା
ଗୋଟେ ତାରକସି ପ୍ରାର୍ଥନା ।

ସକାଳର ରାସ୍ତାରେ ପଡିଛି
ଖଇ କଉଡ଼ି କାହାର ?

ଜାଣେନା,
କେବେ ଦିନେ ଏମିତି ହଜିବାକୁ ହୁଏ
ନିଜ ରଚନାର
କୁହେଳିକାରେ...

*–ବଳରାମଗଡ଼ି, ବାଲେଶ୍ୱର*
*ମୋ: ୭୦୦୮୮୪୫୯୨୦*



# ଅନୁଚିନ୍ତା

**–ସୁଷମା ପରିଜା**

**କେ**ବେ ଥରେ ହେଲେ ତ କୁହ
ଏଇଟା ମୋର ଭୁଲ୍ ଥିଲା ବୋଲି,
ସବୁବେଳେ, ସବୁ କଥାରେ ତ କହିଲ
ତମେ ଏମିତି କଲ, ତମେ ସେମିତି କଲ,
ମୁଁ ପରା ଏମିତି କହୁଥିଲି, ତମେ
ସେମିତି କରିଥିଲେ ଠିକ୍ ହୋଇଥାନ୍ତା,
ଚାରି ଦଶନ୍ଧି ବିତିଗଲାଣି ଏମିତି ଶୁଣି ଶୁଣି ।
କେତେ ଆଉ ଚାଲିଥିବା ଏମିତି ଗୋଟିଏ
ସାଲିସ୍‌କରା ଜୀବନ ଡଙ୍ଗାକୁ ଟାଣି ଘୋଷାରି ,
ଠା'କୁ ଠା' ତାଳି ପକା ଚାଦରକୁ ଘୋଡ଼େଇ
ହୋଇ
ଦୁନିଆ ଆଖିରେ ଅନ୍ଧପୁତୁଳି ବାନ୍ଧି ?
ତୁମେ ଜାଣ !
ତମର ଥରଟିଏ ସ୍ୱୀକାରୋକ୍ତି ଭରି
ଦେଇପାରେ
ନୂତନ ପ୍ରାଣସତ୍ତା ମୋ ମୁହ୍ୟମାନ ଜୀବନ
ଲତାରେ,
ଆକ୍ରାମାକ୍ରା ହୋଇ ଶଢ଼ି ଯାଉଥିବା ମୋ
ଅଳନ୍ଧୁଲଗା
ଜୀବନସାରଣୀ ଉଦ୍‌ଭାସିତ ହୋଇପାରେ
ଧ୍ରୁବତାରାର ଅଜସ୍ର ଉଜ୍ଜ୍ୱଳ
ଆଲୋକପୁଞ୍ଜିକାରେ,
କାରଣ ଆମେ ଦୁହେଁ ତ ପରସ୍ପରର
ପରିପୂରକ,
ଦୁହିଁଙ୍କୁ ବାନ୍ଧିଛି ବିହି ତା'ର ଅଦୃଶ୍ୟ
ଡୋରିରେ ।।


*–ଶାରଳା ଭବନ, ପୋତାପୋଖରୀ,*
*ନୂଆବଜାର, କଟକ*
*ମୋ:୯୩୩୭୨୭୨୬୪୭*





# ଏଥର ପୋଲିସ ଅବତାର

ଆୟୁଷ୍ମାନ ଖୁରାନା ଅଭିନୟ କ୍ଷେତ୍ରରେ କେତେ ପାରଙ୍ଗମ ତାହା ସେ ଅଭିନୟ କରିଥିବା ସିନେମାଗୁଡିକରୁ ସ୍ପଷ୍ଟ ବାରିହୋଇପଡେ। ପ୍ରତିଟି ଭୂମିକାକୁ କିପରି ଶତ ପ୍ରତିଶତ ଜଷ୍ଟିସ ଦିଆଯାଇପାରିବ ସେଥିପ୍ରତି ସେ ସବୁବେଳେ ସ୍ୱତନ୍ତ୍ର ଦୃଷ୍ଟି ଦିଅନ୍ତି ବୋଲି କହନ୍ତି। ଖୁବ୍ ଶୀଘ୍ର ବଡ ପରଦାରେ ତାଙ୍କୁ ପୋଲିସ ଅବତାରରେ ଦେଖିବାକୁ ମିଳିବ। ଫିଲ୍ମଟି ହେଲା 'ଅନେକ'। ଏକ ରାଜନୈତିକ ଘଟଣାକୁ ଆଧାର କରି କାହାଣୀ ଗତିଶୀଳ। ଏଥିରେ ଜଣେ କର୍ତ୍ତବ୍ୟନିଷ୍ଠ ପୋଲିସ ଅଫିସର ଭୂମିକାରେ ଆୟୁଷ୍ମାନ ଅଭିନୟ କରିବେ। ପୁଣି ଏ ନେଇ ପ୍ରସ୍ତୁତି ଆରମ୍ଭ କରିଦେଇଛନ୍ତି। କାରଣ ପ୍ରଥମ ଥର ପାଇଁ ସେ ଏଭଳି ରୋଲ୍‌ରେ ଅଭିନୟ କରିବାକୁ ଯାଉଛନ୍ତି। ସମଗ୍ର ଦେଶକୁ ଏକତ୍ର କରିବାକୁ ଜଣେ ବ୍ୟକ୍ତି କିପରି ଚେଷ୍ଟା କରୁଛି ଏବଂ ରାଜନୀତି ପଶାପାଲିରେ ସେ କେମିତି ଛନ୍ଦି ହୋଇଯାଉଛି ତାହା ଏହି ଫିଲ୍ମରେ ଦେଖିବାକୁ ମିଳିବ।



ଆୟୁଷ୍ମାନ

# ପ୍ରିୟେ, ତୁ ମୋର ସିଏ

'ପ୍ରିୟେ, ତୁ ମୋର ସିଏ'-ଏଭଳି ଶୀର୍ଷକ ସିନେମା କାହାଣୀ ନିଶ୍ଚୟ ପ୍ରେମଭିତ୍ତିକ। କେବଳ ସେତିକି ନୁହେଁ, ଏଥିରେ ଇମୋଶନ, ଫ୍ୟାମିଲି ଡ୍ରାମା, ଆକ୍ସନ, କମେଡି ମଧ୍ୟ ରହିଛି। ଝିଲିକ ମୋସନ୍ ପିକ୍ଚର୍ସ ବ୍ୟାନରରେ ଏହାର ପ୍ରଯୋଜନା କରୁଛନ୍ତି ଅଭିନେତ୍ରୀରୁ ପ୍ରଯୋଜିକା ସାଜିଥିବା ଝିଲିକ୍। 'ପ୍ରିୟେ, ତୁ ମୋର ସିଏ'ରେ ଅମ୍ଳାନ ନାୟକ ଭୂମିକାରେ ଥିବାବେଳେ ତାଙ୍କ ସହ ଏଲିନା, ବବି ମିଶ୍ର, ସୋମା ଭୌମିକ, ଅମର, ଗୁଡ୍ଡୁ, ଧରିତ୍ରୀ ଖଣ୍ଡୁଆଳ, ପୃଥ୍ୱୀରାଜ ନାୟକ, ଟିଲୁ ଭାଇ ଓ ଇଲୁ ବାନାର୍ଜୀଙ୍କୁ ମଧ୍ୟ ଦେଖିବାକୁ ମିଳିବ। ଏହି ଫିଲ୍ମର ନିର୍ଦ୍ଦେଶନା ଭାର ସମ୍ଭାଳିଛନ୍ତି ଆଗଧାଡିର ନିର୍ଦ୍ଦେଶକ ସୁଧାଂଶୁ ସାହୁ। ସଂଯୋଜିତ ଗୀତଗୁଡିକୁ ସ୍ୱର ଦେଇଛନ୍ତି ବୈଦନାଥ ଦାଶ। ଏହାସହ ଏହି ବ୍ୟାନରରେ 'ତୋର ମୋର କଟି' ନାମକ ଆଉ ଏକ ନୂଆ ସିନେମାରେ ସିଦ୍ଧାନ୍ତ ମହାପାତ୍ର, ଶୀତଲ, ଶୈଳେନ୍ଦ୍ର, ଟୁକୁନା ଷ୍ଟାଇଲିସ, ସୁଦୀପ୍ତ, କାଳିଆ ଷଣ୍ଢ, ଜୀବନ ପଣ୍ଡା, ଐଶ୍ୱର୍ଯ୍ୟା, ସୁଧାଂଶୁ ମୋହନ ସାହୁ, ଟୁଟୁ ନାୟକ ପ୍ରମୁଖ ଅଭିନୟ କରିବେ। ଏହି ଚଳଚ୍ଚିତ୍ରର ନିର୍ଦ୍ଦେଶନା ଦେବେ ରମେଶ ରାଉତ। ସଂଗୀତ ନିର୍ଦ୍ଦେଶନା ଦାୟିତ୍ୱ ତୁଲାଇବେ ପ୍ରେମାନନ୍ଦ।


ଅମ୍ଳାନ

# ବୋଲ୍ଡନେସରେ ମୃଣାଳ

ମୃଣାଳ ଠାକୁର ଏବେ ପ୍ୟାରିସରେ ଡେରା ପକାଇଛନ୍ତି। କାରଣ ମାଇଣ୍ଡ ଫ୍ରେସ କରିବାକୁ ସେ ବର୍ତ୍ତମାନ ସେଠାକୁ ଯାଇଛନ୍ତି। ହେଲେ ଏପଟେ ଟେନସନ ତାଙ୍କର ପିଛା ଛାଡିବାକୁ ସତେ ଯେମିତି ନାରାଜ। ତାହାର କାରଣ କ'ଣ ଜାଣନ୍ତି ? ତାହା ହେଲା ବିକିନି। କଥା କ'ଣ କି ସେଠାରେ ସେ ବୁଲିବା ସହ ସି'ବିଚ୍‌ରେ ବିକିନି ପିନ୍ଧି ଫଟୋ ଶୁଟ୍ କରିଛନ୍ତି। କେବଳ ସେତିକି ନୁହେଁ, ଏହି ଫଟୋଗୁଡିକୁ ସେ ସୋସିଆଲ ମିଡିଆରେ ଅପଲୋଡ୍ କରିବା ପରେ ତାହା ବେଶ୍ ଭାଇରାଲ ହୋଇଛି। ଏ ସମ୍ପର୍କରେ ସଫେଇ ଦେଇ ମୃଣାଳ କହନ୍ତି, 'ମୋ ବିକିନି ପିନ୍ଧିବାକୁ ନେଇ ଏତେ କାହିଁକି ଚର୍ଚ୍ଚା ହେଉଛି ତାହା ମୁଁ ଜାଣିପାରୁନି। କେହି କେହି କହୁଛନ୍ତି ଯେ, ଚର୍ଚ୍ଚାରେ ରହିବାକୁ ମୁଁ ଏପରି କଷ୍ଟ୍ୟୁମ ପିନ୍ଧିଛି। ହେଲେ ସେପରି ଯୁକ୍ତି ପଛରେ ଆଦୌ ସତ୍ୟତା ନାହିଁ। କେତୋଟି ଫଟୋ ଶୁଟ୍ ପାଇଁ ମୁଁ ବିକିନି ପିନ୍ଧିଥିଲି। ଏହାକୁ ନେଇ ଏତେ ଆଲୋଚନା ହେବା ଠିକ୍ ନୁହେଁ ବୋଲି ମୁଁ କହିବି।' ମୃଣାଳଙ୍କ ହାତରେ ଏବେ ବ୍ୟାକ୍-ଟୁ-ବ୍ୟାକ୍ ତିନୋଟି ଅଫର ରହିଛି। ଯେହେତୁ ଏ ନେଇ ଆଲୋଚନା ଚାଲିଛି ତେଣୁ ଏ ନେଇ ବିସ୍ତୃତ ସୂଚନା ଦେବାକୁ ଉଚିତ ମଣି ନାହାନ୍ତି ସେ।


ମୃଣାଳ

# ରଣବୀରଙ୍କ ପ୍ରଶଂସାରେ ରଶ୍ମିକା

ରଶ୍ମିକା ମନ୍ଦାନା ଏବେ ନୂଆ ସିନେମା 'ଆନିମଲ୍'ର ଶୁଟିଂରେ ବ୍ୟସ୍ତ ଅଛନ୍ତି। ଏହି ଫିଲ୍ମରେ ତାଙ୍କ ଅପୋଜିଟ୍‌ରେ ଅଛନ୍ତି ରଣବୀର କପୁର। ନିକଟରେ ଶୁଟିଂ ସେଟ୍‌ରେ ସେ ରଣବୀରଙ୍କର ଏମିତି ପ୍ରଶଂସା କଲେ ଯେ, ତାହା ଦେଖି ୟୁନିଟ୍‌ର ସଦସ୍ୟମାନେ ଆଶ୍ଚର୍ଯ୍ୟ ହୋଇଗଲେ। ତେବେ ଏହି ସମୟରେ ରଣବୀର ବା କେମିତି ଚୁପ୍ ହୋଇ ବସିରହନ୍ତେ ? ସେ ମଧ୍ୟ ଏସବୁ ଶୁଣି ମୁରୁକି ମୁରୁକି ହସୁଥାଆନ୍ତି। ଏ ସମ୍ପର୍କରେ ରଶ୍ମିକା କହନ୍ତି, 'ରଣବୀରଙ୍କ ପରି ଆକ୍ଟରଙ୍କ ସହ ଆକ୍ଟିଂ କରିବାର ମଜା ନିଆରା। ମୁଁ ତାଙ୍କ ଅଭିନୀତ ପ୍ରାୟ ସମସ୍ତ ଫିଲ୍ମ ଦେଖିଛି। ସେ ଜଣେ ଉଚ୍ଚକୋଟିର ଅଭିନେତା। ଦିନେ ନା ଦିନେ ସେ ନାୟକ ତାଲିକାର ଶୀର୍ଷ ସ୍ଥାନରେ ପହଞ୍ଚିବେ ବୋଲି ମୋର ଦୃଢ଼ ବିଶ୍ୱାସ ରହିଛି। ଏବେ ଆମେ ଦୁହେଁ ଏକାଠି 'ଆନିମଲ୍' ଫିଲ୍ମରେ ଅଭିନୟ କରୁଛୁ। ଏଥିରେ ଆମ ଯୋଡିକୁ ଦର୍ଶକ ନିଶ୍ଚୟ ଗ୍ରହଣ କରିବେ ବୋଲି ମୋର ଆଶା ରହିଛି।' 'ଆନିମଲ୍' ଫିଲ୍ମର ପ୍ରଯୋଜନା କରିଛନ୍ତି ଭୂଷଣ କୁମାର, ପ୍ରଣୟ ରେଡ୍ଡି ଭାଙ୍ଗା ଏବଂ ମୁରଦ ଖେତାନି। ଏଥିରେ ଅନୀଲ କପୁର ଏବଂ ବବି ଦେଓଲଙ୍କୁ ମଧ୍ୟ ଦେଖିବାକୁ ମିଳିବ।


ରଶ୍ମିକା

# ଚାଲିଛି ଦିନ ଗଣା

କଥାରେ ଅଛି-ଅପେକ୍ଷାର ଫଳ ମିଠା। ହେଲେ ସେ ପର୍ଯ୍ୟନ୍ତ ଧୈର୍ଯ୍ୟର ସହ ଅପେକ୍ଷା କରିବାର ଅଛି। କଥା କ'ଣ କି ନୁସରତ ଭରୁଚା ଏବେ ଦିନ ଗଣିବା ଆରମ୍ଭ କରିଦେଇଛନ୍ତି। କାରଣ ଆସନ୍ତା ମାସ ୧୦ରେ ସେ ଅଭିନୟ କରିଥିବା 'ଜନହିତ ମେଁ ଜାରି' ରିଲିଜ ହେବାକୁ ଯାଉଛି। ତେଣୁ ଏ ନେଇ ତାଙ୍କର ଉତ୍ସୁକତା ଏବେଠାରୁ ବଢ଼ିଗଲାଣି। ଏହି ଫିଲ୍ମର ମୁକ୍ତିଲାଭ ତାରିଖ ବିଷୟରେ ଜାଣିବା ପରେ ତାଙ୍କର ଖୁସି ଦେଖେ କିଏ। ଏ ନେଇ ନୁସରତ କହନ୍ତି, 'ଏହି ଫିଲ୍ମର କାହାଣୀ ଦର୍ଶକଙ୍କ ମନକୁ ଛୁଇଁବ ବୋଲି ମୋର ଦୃଢ଼ ବିଶ୍ୱାସ ରହିଛି। ତା'ସହ ଏହାର ଉପସ୍ଥାପନା ସେହି ଅନୁସାରେ ହୋଇଛି। କରୋନା ପାଇଁ ଏହାର ରିଲିଜ ଡେଟ୍ ଫାଇନାଲ ହୋଇପାରୁ ନ ଥିଲା। ଫିଲ୍ମଟି ଏବର୍ଷ ଜୁନ୍ ୧୦ରେ ରିଲିଜ ହେବ। ଏଥିପାଇଁ ମୁଁ ଏବେଠାରୁ ଦିନ ଗଣିବା ଆରମ୍ଭ କରିଦେଲିଣି।' 'ଜନହିତ ମେଁ ଜାରି'ରେ ନୁସରତଙ୍କ ବ୍ୟତୀତ ଅନୁଦ ସିଂ ଢାକା, ବିଜୟ ରାଜ, ଟିନୁ ଆନନ୍ଦ ଏବଂ ପରିତୋଷ ତ୍ରିପାଠୀ ଅଭିନୟ କରିଛନ୍ତି। ଫିଲ୍ମର ନିର୍ଦ୍ଦେଶନା ଦେଇଛନ୍ତି ଜୟ ବସନ୍ତୁ ସିଂ। ଏହାର କାହାଣୀ କମେଡିକୁ ଆଧାର କରି ରଚନା କରାଯାଇଛି।



ନୁସରତ

# କେବଳ ଗୀତ ପାଇଁ..

କିଆରା ଆଡୱାନୀଙ୍କୁ ନେଇ ଏବେ ଚର୍ଚ୍ଚା। ଯା ପଛରେ ସେମିତି କାରଣ ମଧ୍ୟ ରହିଛି। କଥା କ'ଣ କି ସେ ନିକଟରେ ଏକ ନୂଆ ସିନେମା ସାଇନ୍ କରିଛନ୍ତି। ଏଥିରେ ସଂଯୋଜିତ ଗୀତଗୁଡିକୁ ଶୁଣିବା ପରେ ସେଗୁଡିକରେ କିପରି ଠିକ୍ ଭାବରେ ଡ୍ୟାନ୍ସ କରିପାରିବେ ସେଥିପାଇଁ ପ୍ରାକ୍ଟିସ ଆରମ୍ଭ କରିଦେଇଛନ୍ତି। ପୁଣି ଏଥିପାଇଁ ସେ ନିଜକୁ ଏମିତି ନିୟୋଜିତ କରିଛନ୍ତି ଯେ ନିଜର କେତେକ ଗୁରୁତ୍ୱପୂର୍ଣ୍ଣ କାମକୁ କ୍ୟାନସେଲ କରିବାକୁ ବାଧ୍ୟ ହୋଇଛନ୍ତି। ଏ ସମ୍ପର୍କରେ କିଆରା କହନ୍ତି, 'ଏହି ଫିଲ୍ମର ଟାଇଟଲ ଫାଇନାଲ ହୋଇନାହିଁ। ହେଲେ ଏହାର ଗୀତଗୁଡିକ ମୋ ମନକୁ ଛୁଇଁ ପାରିଛି। ତେଣୁ ସେଗୁଡିକୁ କିପରି ଶତ ପ୍ରତିଶତ ଜଷ୍ଟିସ ଦେବି ସେ ନେଇ ପ୍ରାକ୍ଟିସ ଆରମ୍ଭ କରିଦେଇଛି। ଏହି ଅନଟାଇଟଲଡ୍ ଫିଲ୍ମରେ ଦର୍ଶକ ମୋତେ ଏକ ରୋମାଣ୍ଟିକ ଭୂମିକାରେ ଦେଖିବାକୁ ପାଇବେ।' ତେବେ ଏଥିରେ କିଆରାଙ୍କ ଡ୍ୟାନ୍ସ ଦର୍ଶକଙ୍କୁ କେତେ ପ୍ରଭାବିତ କରୁଛି ତାହା ଜାଣିବା ପାଇଁ କେବଳ ଫିଲ୍ମଟି ରିଲିଜ ହେବା ପର୍ଯ୍ୟନ୍ତ ଅପେକ୍ଷା କରିବାକୁ ପଡିବ।


କିଆରା

ପ୍ରଥମ ରୋଜଗାର

# ରୋଜଗାର ଟଙ୍କାରେ ଠାକୁରଙ୍କ ପାଖେ ଭୋଗ କରିଥିଲି



ପ୍ରଶାସନିକ ଅଧିକାରୀ ତଥା କବି ଧନଞ୍ଜୟ ସ୍ୱାଇଁ ନିଜ ପ୍ରଥମ ରୋଜଗାର ସମ୍ପର୍କରେ ଯାହା କୁହନ୍ତି...

**କ**ଟକ ଜିଲା ନିଆଳି ବ୍ଲକ ଅନ୍ତର୍ଗତ ଶେଳଦା ଗାଁରେ ମୋ ଜନ୍ମ। ଲକ୍ଷ୍ମୀ ନାରାୟଣ ବିଦ୍ୟାପୀଠ, କସରଦାରୁ ଏକାଦଶ ପାସ୍ କରି ରେଭେନ୍ସା କଲେଜରେ ସ୍ନାତକ ଯାଏ ପଢିଥିଲି। ତା'ପରେ ଉତ୍କଳ ବିଶ୍ୱବିଦ୍ୟାଳୟରେ ଇତିହାସରେ ସ୍ନାତକୋତ୍ତର ସାରି ଦିଲ୍ଲୀ ବିଶ୍ୱବିଦ୍ୟାଳୟରେ ଏମ୍.ଫିଲ୍. କଲି। ଏମ୍.ଫିଲ୍. ପଢ଼ା ସରି ନ ଥାଏ, ତା' ଭିତରେ ଓଏଏସ୍ ପରୀକ୍ଷା ଦେଲି। ସୌଭାଗ୍ୟକୁ ଓଏଏସ୍ ପରୀକ୍ଷାରେ କୃତକାର୍ଯ୍ୟ ବି ହେଲି। ଏମ୍.ଫିଲ୍. ସରିବା ପରେ କୋରାପୁଟରେ ଦୁଇବର୍ଷ ଟ୍ରେନିଂରେ ରହିଲି। ସେହି ସମୟରେ ଯେଉଁ ପ୍ରଥମ ମାସିକ ଦରମା ପାଇଲି ସେଥିରେ କୋରାପୁଟର ପ୍ରସିଦ୍ଧ ଶାବର ଶ୍ରୀକ୍ଷେତ୍ର ଜଗନ୍ନାଥ ମନ୍ଦିରକୁ ଯାଇ ଭୋଗ କରିଥିଲି। ଟ୍ରେନିଂ ସରିଲା ପରେ ୧୯୯୩ରେ ମୋର ପ୍ରଥମ ପୋଷ୍ଟିଂ ନବରଙ୍ଗପୁର ଜିଲାର ଉମରକୋଟ ତହସିଲରେ ଆଡିଶନାଲ୍ ତହସିଲଦାର ଭାବେ ହେଲା। ସେଠାରେ ଦୁଇବର୍ଷ ରହିବା ପରେ ବିଡିଓ ଭାବେ ମୋତେ ପୁନର୍ବାର ସେହିଠାରେ ନିଯୁକ୍ତି ଦିଆଗଲା। ତା'ପରେ ଭଦ୍ରକ, ଯାଜପୁର, ବ୍ରହ୍ମପୁରରେ ସବ୍ କଲେକ୍ଟର ଭାବେ କିଛି କିଛି ଦିନ କାର୍ଯ୍ୟ କରିବା ପରେ ଅନୁଗୋଳ ଡିଆର୍‌ଡିଏରେ ମଧ୍ୟ ପ୍ରୋଜେକ୍ଟ ଡାଇରେକ୍ଟର ଭାବେ କିଛିଦିନ କାମ କରିଥିଲି। ତା'ପରେ କେନ୍ଦ୍ରାପଡ଼ାରେ କିଛିଦିନ ଏଡିଏମ୍ (ଆଡିଶନାଲ୍ ଡିଷ୍ଟ୍ରିକ୍ଟ ମାଜିଷ୍ଟ୍ରେଟ୍) ଭାବେ ଦାୟିତ୍ୱ ତୁଲାଇଥିଲି। ଏହାପରେ ମୋର ପ୍ରମୋଶନ ହେଲା ଆଉ ମୁଁ ସଂସ୍କୃତି ବିଭାଗରେ ଆଡିଶନାଲ୍ ସେକ୍ରେଟାରି ଭାବେ ନିଯୁକ୍ତି ପାଇଲି। କିଛିଦିନ ପରେ ମୋର ବଦଳି ହେଲା ବିଦ୍ୟାଳୟ ଓ ଗଣଶିକ୍ଷା ବିଭାଗକୁ। ଏଠି ବି ଆଡିଶନାଲ୍ ସେକ୍ରେଟାରି ଭାବେ କିଛିଦିନ କାମ କରିବା ପରେ ମୋତେ ପୁଣି ପ୍ରମୋଶନ ମିଳିଲା ଆଉ ସ୍ପେଶାଲ୍ ସେକ୍ରେଟାରି ହୋଇ ଶକ୍ତି ବିଭାଗରେ ଯୋଗ ଦେଲି ; ଯେଉଁଠାରେ ଏବେ ବି ମୁଁ ଅବସ୍ଥାପିତ। ଚାକିରି ଜୀବନ ବାଦ୍ ସାହିତ୍ୟ, ସଂସ୍କୃତି ପ୍ରତି ମୋର ଛାତ୍ର ଜୀବନରୁ ବିଶେଷ ରୁଚି ରହିଆସିଛି। କଲେଜ ପଢିବା ସମୟରେ କଲେଜ ଓ ହଷ୍ଟେଲର ୱାଲ୍ ମାଗାଜିନ୍ ଓ ବାର୍ଷିକ ମୁଖପତ୍ର ପାଇଁ କିଛି କିଛି ଲେଖୁଥିଲି। କିନ୍ତୁ କୋରାପୁଟରେ ଟ୍ରେନିଂ ନେଲାବେଳେ ସେଠାକାର ବନପ୍ରକୃତି, ପାହାଡ଼ ପିଠିରେ ଝୁଲି ପଡିଥିବା ମେଘମାଳା, ଅଳସୀ କ୍ଷେତ, ଝରଣା ଓ ସରଳ ଆଦିବାସୀଙ୍କ ଜୀବନଚର୍ଯ୍ୟା ମୋର ଲେଖିବାର ଧାରାକୁ ଅଧିକ ବଢାଇଦେଲା। ତେଣୁ ସେଠାରେ ମୁଁ ଅନେକ କବିତା ଲେଖିଲି ଆଉ ସେ ସବୁକୁ ନେଇ ଏକ ବହି ମଧ୍ୟ କଲି, ଯାହାର ନାଁ ରଖିଥିଲି 'କୁରେଇ ଫୁଲର ଖୋସା'। ଘରକାମ କରୁଥିବା କାମବାଲୀ ନିନିର ଜଡ଼ାତେଲ ମଖା ଫାଳିକିଆ ଖୋସାରେ ଖୋସିଥିବା କୁରେଇ ଫୁଲର ଡାଳ ଖଣ୍ଡେ ଦେଖି ମୋର ପ୍ରଥମ ବହିର ନାମକରଣ ଏପରି ରଖିବାକୁ ନିଷ୍ପତ୍ତି ନେଇଥିଲି। ଏହି ବହିଟି ସାହିତ୍ୟ ଜଗତରେ ମୋତେ ଭିନ୍ନ ପରିଚିତି ଆଣି ଦେଇଥିଲା। ତା'ପରଠୁ ଆଉ ପଛକୁ ଫେରି ଚାହିଁନି। ଯା'ଭିତରେ ମୋର ଆଉ ୧୦ଟି ପୁସ୍ତକ ମଧ୍ୟ ପ୍ରକାଶିତ ହୋଇସାରିଛି ; ତନ୍ମଧ୍ୟରୁ ୮ଟି ହେଉଛି କବିତା ସଂକଳନ (ଚଇତି ତିଥି, ଲୁହ ଲଫାପାର ଚିଠି, ତୁମ ଗାଁ ବର୍ଷା, ଗାଁ ଗୀତ, କଅଁଳ ଖରାର ଝୋଟି, ମିଠା ଜହ୍ନରାତି, ଅଶିଣ ଜହ୍ନର ଗୀତ, କରୋନା ଶତକ) ଏବଂ ୨ଟି ହେଉଛି ଶିଶୁ କବିତା ସଂକଳନ(କୁନି କଳିକା ଓ କଥାଟି ଭିତରେ ନଥାଟି)। ଭଗବାନଙ୍କ ଆଶୀର୍ବାଦରୁ ଉଭୟ ଚାକିରି ଓ ଲେଖାଲେଖିରେ ମୋର ଦିନକୁ ଦିନ ଉନ୍ନତି ହେବାରେ ଲାଗିଛି, ସେଥିପାଇଁ ମୁଁ ବହୁତ ଖୁସି।

*-ଅନ୍ୱିତା*

ସାଥୀ

# ଅଧୁରା ସପନ ଅଥୟ ମନ, ଭାବି ଭାବି ବିତି ଯାଉଛି ଦିନ



**ପ୍ରଶ୍ନ**–ମୋ ପ୍ରେମିକା କଥା ଭାବି ଭାବି ଦିନ ବିତି ଯାଉଛି। ହେଲେ ମୋର ଏହି ଅଧା ସପନ କେବେ ପୂରଣ ହେବ ଜାଣିପାରୁନାହିଁ।

*–ପ୍ରଶାନ୍ତ ସାହୁ, ବ୍ରହ୍ମପୁର*

**ଉତ୍ତର:** ଯାହାକୁ ମନେ ମନେ ଭଲ ପାଇ ବସିଛନ୍ତି ତା' କଥା ଭାବି ଦିନ ବିତିଯାଉଛି। 'ଅଧୁରା କଥା ଅଥୟ ମନ, ଭାବନାରେ ବିତି ଯାଉଛି ଦିନ।' ପ୍ରେମର ନିଶା ଥରେ ଘାରିଲେ ଭଲ ମନ୍ଦ ଜଣାପଡି ନ ଥାଏ। ଏହି ରାସ୍ତାରେ ପାଦ ଦେବା ପୂର୍ବରୁ ପ୍ରତିଟି କଥାକୁ ଆଦୌ ହାଲକା ଭାବରେ ନିଅନ୍ତୁ ନାହିଁ। ତେଣୁ ସେହି ଭାବନା ରାଇଜରୁ ଯେତେ ଶୀଘ୍ର ନିଜକୁ ଦୂରେଇ ନିଅନ୍ତୁ । ଯାହାକୁ ମନପ୍ରାଣ ଦେଇ ଭଲ ପାଉଛନ୍ତି ତା' ବିଷୟରେ ଯଦି କିଛି ଜାଣିଛନ୍ତି ତେବେ ତାହାକୁ ଆଧାର କରି ସବିଶେଷ ତଥ୍ୟ ସଂଗ୍ରହ କରନ୍ତୁ। ଯଦି ମନ ମାନିଲା ତେବେ ଆପଣଙ୍କ ମନର ମାନସୀକୁ ମନର କଥା କହି ଦିଅନ୍ତୁ। ପାଣିପାଗ ଯଦି ଠିକ୍ ରହେ, ତେବେ ଆପଣଙ୍କ ମନ ଥୟ ହୋଇଯିବ ଏବଂ ତା'ପରେ କେବଳ ଧାଡି ଦେଖି ମାଡିଯିବା କଥା।

**ପ୍ରଶ୍ନ**–ମୋ ପ୍ରଥମ ପ୍ରେମକୁ ମୁଁ ଭୁଲି ପାରୁନି। ସେ ସିନା ମୋତେ ଧୋକା ଦେଇ ଚାଲିଗଲା। ଏବେ ମୁଁ ଆଉ ଜଣେ ଝିଅକୁ ଭଲ ପାଇବି ବୋଲି ଚିନ୍ତା କରୁଛି। ଏ ନେଇ ଆଗେଇବା ଠିକ୍ ହେବ ତ ?

*–ଦୀପକ, ପାରାଦୀପ, ଜଗତସିଂହପୁର*

**ଉତ୍ତର:** ଏଣେ ପ୍ରଥମ ପ୍ରେମକୁ ଭୁଲି ପାରୁନାହାନ୍ତି। ସେପଟେ ଉଲ୍ଲେଖ କରିଛନ୍ତି ଯେ ଆଉ ଥରେ ପ୍ରେମ ନଈରେ ବୁଡ ପକାଇବାକୁ ମନ କଲେଣି। ଏପରି ଦୁଇ ନାଆରେ ଗୋଡ ଦେଲେ କିଛି ଲାଭ ହେବ ନାହିଁ। ପ୍ରଥମେ ନିଜ ମନକୁ ନିର୍ମଳ ରଖନ୍ତୁ। ଯେଉଁ ପ୍ରେମରେ ଧୋକା ଖାଇଥିଲେ ସେଭଳି ପ୍ରେମକୁ ଯଦି ସବୁବେଳେ ମନେ ପକାଇବେ ତେବେ ତାହା ମନ ଭିତରେ ସେମିତି ଦୁକୁ ଦୁକୁ ହୋଇ ଜଳୁଥିବ ଆଉ ତାହାର ପ୍ରଭାବରେ ନା ଆପଣ ଆଗକୁ ଯାଇପାରିବେ ନା ସେହି ପ୍ରେମକୁ ଭୁଲିପାରିବେ। ତେଣୁ ପ୍ରଥମେ ସେହି ପ୍ରେମରେ ସବୁଦିନ ପାଇଁ ପୂର୍ଣ୍ଣଚ୍ଛେଦ ଟାଣି ଦିଅନ୍ତୁ। ଯଦି ପୁଣି ଥରେ ପ୍ରେମ କରିବାକୁ ମନ ବଳାଇଛନ୍ତି ତେବେ ଏମିତିକା ପ୍ରେମିକାଟିଏ ଖୋଜନ୍ତୁ ଯିଏ ସାରା ଜୀବନ ଆପଣଙ୍କ ପାଖରେ ରହିଥିବ।

**ପ୍ରଶ୍ନ**–ଜଣେ ସାଙ୍ଗ କଥାରେ ପଡି ଯେଉଁ ଝିଅକୁ ପ୍ରେମ କଲି ସେ ମୋତେ ଅଧା ବାଟରେ ଏମିତି ନାମ ଦେଲା ଯେ ଆଉ ପ୍ରେମ କରିବାକୁ ମନ ହେଉନାହିଁ। ମୁଁ ମୋ ମନକୁ କେମିତି ବଦଳାଇବି କହିବେ କି ସାଥୀ ?

*–ପ୍ରସନ୍ନ କୁମାର, ଭୁବନେଶ୍ୱର*

**ଉତ୍ତର:** କାହା ବୁଦ୍ଧିରେ ପଡି ପ୍ରେମ କଲେ ଏମିତି ପରିସ୍ଥିତିର ସାମ୍ନା କରିବାକୁ ପଡିଥାଏ। ଆପଣଙ୍କ ସାଙ୍ଗର ସଜେସନ୍‌କୁ ଭଲ ଭାବରେ ପରଖି ନେବାର ଥିଲା। ତାଙ୍କ କଥାରେ ପଡି ଆଗ ପଛ ବିଚାର ନ କରି ଆଗେଇ ଗଲେ। ଆଉ ଅଧା ବାଟରେ ଏମିତି ବୁଦ୍ଧି ଶିଖିଲେ ଯେ ତାହାକୁ ବାଉଳି ହେଉଛନ୍ତି। କଥାରେ ଅଛି 'ଗତସ୍ୟ ଶୋଚନା ନାସ୍ତି'। ତେଣୁ ସେପରି ପ୍ରେମକୁ ଶୀଘ୍ର ମନରୁ ପାଶୋରି ପକାଇ ନୂଆ ପ୍ରେମ ବିଷୟରେ ଚିନ୍ତା କରନ୍ତୁ ନା !

**ପ୍ରଶ୍ନ**–ପ୍ରେମ କରିବା ପୂର୍ବରୁ ଅନେକ ଝିଅ ଲାଜ କରନ୍ତି କାହିଁକି ?

*–ପବିତ୍ର ରାଉତ, ରାଉରକେଲା*

**ଉତ୍ତର:** ଲାଜେଇ ଝିଅର ଆଖିରେ ପ୍ରେମ ଭରି ରହିଥାଏ। ଆଉ ସେଥିରେ ହିଁ ପ୍ରେମର ଅସଲ ମଜା ଲୁଚି ରହିଥାଏ। ତେଣୁ ତା' ଲାଜକୁ ନେଇ ଆପଣ ଯଦି ଲାଜରେ ଝାଉଁଳି ପଡିଲେ ତେବେ ପ୍ରେମ କେମିତି ହେବ କହୁନାହାନ୍ତି ? ସେହି ଲାଜକୁ ଭଲ ଭାବରେ ତର୍ଜମା କରନ୍ତୁ। ଯଦି ସେଥିରୁ ପ୍ରେମର ସୂରାକ ପାଇଲେ ତେବେ ଡେରି ନ କରି ବହି ଫିଟ୍ କରିଦିଅନ୍ତୁ।

# ମିନି ସ୍କର୍ଟ ଫ୍ୟାଶନ





**ମିନି ସ୍କର୍ଟର ଫ୍ୟାଶନ ମଧ୍ୟ କେବେ ବି ଆଉଟ୍ ଅଫ୍ ଟ୍ରେଣ୍ଡ ହୁଏ ନାହିଁ। ବିଶେଷକରି ଖରାଦିନେ ଏହାର ଡିମାଣ୍ଡ ଯୁବତୀଙ୍କ ଭିତରେ ବେଶ୍ ରହୁଥିବା ଦେଖିବାକୁ ମିଳିଥାଏ। କିନ୍ତୁ ଏହି ମିନି ସ୍କର୍ଟକୁ କ୍ୟାରି କରିବା ସମୟରେ କିଛିଟା ଜରୁରୀ କଥା ଉପରେ ନଜର ଦେବା ମଧ୍ୟ ନିହାତି ଆବଶ୍ୟକ। ଯେମିତିକି:**



**✲ ଅଣ୍ଡର ଗାର୍ମେଣ୍ଟ୍ସ କ'ଣ ପିନ୍ଧିବେ:** ମିନି ସ୍କର୍ଟର ନାଁ ଉଠିବା ମାତ୍ରେ ମନ ଭିତରେ ଏକ ଛୋଟ ସ୍କର୍ଟର ଛବି ଆସିଯାଏ। ସେଥିପାଇଁ ଅନେକେ ଦ୍ୱନ୍ଦ୍ୱରେ ପଡିଯାନ୍ତି ଯେ, ଏହି ସ୍କର୍ଟ ସହିତ କେଉଁ ଧରଣର ଅଣ୍ଡର୍ ଗାର୍ମେଣ୍ଟ୍ସ ପିନ୍ଧିବା ଆବଶ୍ୟକ ! ମିନି ସ୍କର୍ଟ ତଳେ ମୁଖ୍ୟତଃ ନ୍ୟୁଡ୍ ଶର୍ଟ୍ସ ପିନ୍ଧିବା ଦରକାର। ଯୁବତୀମାନେ ଚାହିଁଲେ ନିଜ ସ୍କର୍ଟର ରଙ୍ଗକୁ ମ୍ୟାଚିଂ କଲାଭଳି ଶର୍ଟ୍ସ ମଧ୍ୟ ଟ୍ରାଏ କରିପାରିବେ। ଏହା ସବୁ ଦୃଷ୍ଟିରୁ ସୁରକ୍ଷିତ ହୋଇଥାଏ।

**✲ ନର୍ମାଲ୍ ଟପ୍ସ ପିନ୍ଧିପାରିବେ:** ଯେହେତୁ ଆପଣ ମିନି ସ୍କର୍ଟ ପିନ୍ଧୁଛନ୍ତି, ତା'ସହିତ କେବେ ବି ବଡି ଫିଟିଙ୍ଗ୍ ହେଲା ଭଳି ଟପ୍ସ ପିନ୍ଧିବା ଠିକ୍ ନୁହେଁ। କାରଣ ଏହା ଆଖିକୁ ସେତେ ଭଲ ଦେଖାଯାଇ ନଥାଏ। ତେଣୁ ମିନି ସ୍କର୍ଟ ପିନ୍ଧିଲା ବେଳେ ଆପଣ ଚେଷ୍ଟା କରିବେ ଯେତେ ସମ୍ଭବ ନର୍ମାଲ୍ ଟପ୍ସ ପିନ୍ଧିବେ।

**✲ ଜ୍ୟାକେଟ୍ ବି ଟ୍ରାଏ କରିପାରିବେ:** ମିନି ସ୍କର୍ଟ ସହ କେବଳ ଟି-ଶାର୍ଟ କି ଟପ୍ସ ନୁହେଁ, ଯୁବତୀମାନେ ଚାହିଁଲେ ଟପ୍ସ ଉପରେ ଜ୍ୟାକେଟ୍ ମଧ୍ୟ ଟ୍ରାଏ କରିପାରିବେ। ତେଣିକି ସେ ଲେଦର୍ ହେଉ ଅବା ଡେନିମ୍ କିମ୍ବା ଅନ୍ୟ ଯେ କୌଣସି ଫ୍ୟାବ୍ରିକ୍‌ର ଜ୍ୟାକେଟ୍ ହେଉନା କାହିଁକି, ଏହା ଲୁକ୍‌କୁ ବେଶ୍ ଷ୍ଟାଇଲିଶ୍ କରି ଦେଇଥାଏ।

**✲ ସୁଜ୍ ବି ଲାଗିବ ଷ୍ଟାଇଲିଶ୍:** ମିନି ସ୍କର୍ଟ ସହ ହିଲ୍ ପିନ୍ଧିବାର ଫ୍ୟାଶନ ଏବେ ଟିକେ ପୁରୁଣା ହୋଇଗଲାଣି। ଆପଣ ଚାହିଁଲେ ଏହା ସହିତ ମ୍ୟାଚିଂ କରି ସୁଜ୍ ବି ପିନ୍ଧିପାରିବେ। କାରଣ ଏହା ଟ୍ରେଣ୍ଡି ଲୁକ୍ ଦେଇଥାଏ।

## ମିନି ସ୍କର୍ଟର ବିଭିନ୍ନ ଭେରାଇଟି





**✲ ଡେନିମ୍ ମିନି ସ୍କର୍ଟ:** ଏହି ସ୍କର୍ଟ ଯୁବତୀଙ୍କୁ ୟୁଥ୍ ଲୁକ୍ ଦେଇଥାଏ। ଡେନିମ୍ ମିନି ସ୍କର୍ଟ ସହ ଆପଣ ଚାହିଁଲେ ମ୍ୟାଚିଂ କରି କ୍ରପ୍ ଟି-ଶାର୍ଟ ଏବଂ ତା'ଉପରେ ହାଫ୍ ସ୍ଲିଭ୍‌ର ଡେନିମ୍ ଜ୍ୟାକେଟ୍ ମଧ୍ୟ କ୍ୟାରି କରିପାରିବେ। କେବଳ ସେତିକି ନୁହେଁ, ଏହା ସହିତ ମାଚିଂ ହେଲା ଭଳି ସୁଜ୍ ପିନ୍ଧିଲେ ତ ଲୁକ୍ ଆହୁରି ଆକର୍ଷଣୀୟ ଲାଗିବ।

**✲ ଲେଦର ମିନି ସ୍କର୍ଟ:** ଲେଦର୍‌ର ମିନି ସ୍କର୍ଟ ବି ଯୁବତୀଙ୍କୁ ସ୍ମାର୍ଟ ଲୁକ୍ ଦେଇଥାଏ। ବିଶେଷକରି ମଷ୍ଟାର୍ଡ ୟେଲୋ କଲର୍‌ର ଲେଦର୍ ମିନି ସ୍କର୍ଟ ସହ ପୋଲ୍‌କା ଡଟ୍ ପ୍ରିଣ୍ଟ ହୋଇଥିବା କଳା ରଙ୍ଗର କଟନ୍ ଟି-ଶାର୍ଟ ପିନ୍ଧିଲେ କୁଲ୍ ଲୁକ୍ ମିଳିଥାଏ। ଯୁବତୀମାନେ ଚାହିଁଲେ ନିଜ ମନ ପସନ୍ଦର ଯେ କୌଣସି ରଙ୍ଗର ମିନି ସ୍କର୍ଟ ଓ ଟପ୍ସକୁ ଏହିଭଳି ଭାବେ ପେୟାର୍ କରି ମଧ୍ୟ ପିନ୍ଧିପାରିବେ।

**✲ କଟନ୍ ମିନି ସ୍କର୍ଟ:** ଖରାଦିନେ ପିନ୍ଧିବା ପାଇଁ କଟନ୍ ଫ୍ୟାବ୍ରିକ୍ ମିନି ସ୍କର୍ଟ ଏକ ଭଲ ଅପ୍ସନ ହୋଇଥାଏ। ଏହା କମ୍ଫର୍ଟେବଲ୍ ଲାଗିବା ସହ ଦେହକୁ ବେଶୀ ଗରମ ମଧ୍ୟ ଲାଗି ନଥାଏ। କଟନ୍ ମିନି ସ୍କର୍ଟ ସହ ଆପଣ ଚାହିଁଲେ ମ୍ୟାଚିଂ କରି କଟନ୍ ଟପ୍ସ ମଧ୍ୟ ପିନ୍ଧିପାରିବେ।

**✲ଷ୍ଟ୍ରାଇପ୍ ପ୍ରିଣ୍ଟ ମିନି ସ୍କର୍ଟ:** ଏହି ପ୍ରିଣ୍ଟର ମିନି ସ୍କର୍ଟ ଆଖିକୁ ସୁନ୍ଦର ଦେଖାଯିବା ସହ ଯୁବତୀଙ୍କୁ ଆଉଟ୍‌ଷ୍ଟାଣ୍ଡିଂ ଲୁକ୍ ବି ଦେଇଥାଏ। ତେବେ ଏହି ପ୍ରିଣ୍ଟର ସ୍କର୍ଟ ସହ ଯେତେ ସମ୍ଭବ ପ୍ଲେନ୍ ଟପ୍ସ ବା ଟି-ଶାର୍ଟ ପିନ୍ଧିବେ ସେତେ ଭଲ।





ଆନୀଷା

**ସୂଚନା**
ଏଠାରେ ଫଟୋ ପ୍ରକାଶ ପାଇବା ପାଇଁ କିଛି ଟଙ୍କା ଦେବାକୁ ପଡ଼େନାହିଁ। ଯୋଗ୍ୟ ବିବେଚିତ ଫଟୋ ହିଁ ପ୍ରକାଶ ପାଇବ।

# ହାଃ ହାଃ

## ପଢା

ଶିକ୍ଷକ ମଣ୍ଟୁଙ୍କୁ: ତୁ ପାଠପଢାରେ ଧ୍ୟାନ କାହିଁକି ଦଉନୁ ?
ମଣ୍ଟୁ: ସମସ୍ତେ ଦୁଇଟି କାରଣ ପାଇଁ ପଢନ୍ତି।
ଶିକ୍ଷକ: କହ ତ ଦେଖି ସେ ଦୁଇଟା କାରଣ।
ମଣ୍ଟୁ: ପ୍ରଥମଟି ହେଉଛି ଭୟରେ ଓ ଦ୍ୱିତୀୟଟି ହେଉଛି ସଉକରେ। ମୁଁ ବିନା କାରଣରେ କୌଣସି ସଉକ ରଖେନା। ଆଉ ଭୟ ତ ମୁଁ କାହାର ବାପାକୁ ବି କରେନା। ସେଇଥିପାଇଁ ପଢୁ ନାହିଁ।


## ଖାଦ୍ୟ

ସ୍ତ୍ରୀ ସ୍ୱାମୀଙ୍କୁ: ବାହାଘର ଆଗରୁ ଯେବେ ବି ମୁଁ ତମ ପାଇଁ ଖାଇବା ତିଆରି କରି ଆଣୁଥିଲି ତମେ କମ ଖାଉଥିଲ ମତେ ଅଧିକ ଖୁଆଉଥିଲ।
ସ୍ୱାମୀ: ହଁ, ହେଲେ ଆଜି କାହିଁକି ସେ କଥା ମନେପକଉଛ ?
ସ୍ତ୍ରୀ: ଏବେ କାହିଁକି ସେମିତି କରୁନ ? ତମ ଭଲ ପାଇବା କ'ଣ କମି ଗଲାଣି କି ?
ସ୍ୱାମୀ: ନାଇଁ, ଏବେ ତମେ ଭଲ ଖାଇବା ତିଆରି କରିବା ଶିଖିଗଲଣି।


## ଲଙ୍ଗ ଡ୍ରାଇଭ୍

ରାଜୁ ନିଜ ଗର୍ଲଫ୍ରେଣ୍ଡକୁ କାର୍‌ରେ ନେଉଥାଏ।
ଗର୍ଲଫ୍ରେଣ୍ଡ: ଆମେ କୁଆଡେ ଯାଉଛେ ?
ରାଜୁ: ଲଙ୍ଗ ଡ୍ରାଇଭ୍‌ରେ।
ଗର୍ଲଫ୍ରେଣ୍ଡ: ସୋ ରୋମାଣ୍ଟିକ୍...ଆଗରୁ କାହିଁକି କହିଲନି ?
ରାଜୁ: ମୁଁ ତ ଏବେ ହିଁ ଜାଣିଲି ଯେ, ବ୍ରେକ୍ ଲାଗୁନି ବୋଲି।

ଆପଣଙ୍କ ମୁହଁ ମଡେଲ ମିରର୍‌ରେ ଦେଖିବାକୁ ଚାହୁଁଥିଲେ ଯୋଗାଯୋଗ: ଧରିତ୍ରୀ ଛୁଟିଦିନ, ବି-୧୫ ରସୁଲଗଡ଼
ଶିଳ୍ପାଞ୍ଚଳ, ଭୁବନେଶ୍ୱର-୭୫୧୦୧୦
ଫୋନ ନଂ: (୦୬୭୪) ୨୫୮୦୧୦୧
ଫଟୋ ସୌଜନ୍ୟ: କମଲ ଫଟୋଗ୍ରାଫୀ



ସିକ୍କିମ୍‌ସ୍ଥିତ ଏକ ଆକର୍ଷଣୀୟ ସହର ହେଉଛି ୟୁକସୋମ। ପର୍ଯ୍ୟଟନ ଦୃଷ୍ଟି କୋଣରୁ ବି ଏହା ବେଶ୍ ସମୃଦ୍ଧ। କାରଣ ପର୍ଯ୍ୟଟକଙ୍କ ଦେଖିବା ନିମନ୍ତେ ଏଠାରେ ରହିଛି ଅନେକ ମନୋରମ ଦର୍ଶନୀୟ ସ୍ଥାନ; ଯେମିତିକି ପାହାଡ, ଜଙ୍ଗଲ, ହ୍ରଦ ତଥା ବୌଦ୍ଧ ମଠ ଇତ୍ୟାଦି...





# ମନୋରମ ପର୍ଯ୍ୟଟନସ୍ଥଳୀ ୟୁକସୋମ

ୟୁକସୋମ ହେଉଛି ସିକ୍କିମ୍‌ସ୍ଥିତ ଏକ ଆକର୍ଷଣୀୟ ତଥା ମନୋରମ ସହର। କାରଣ ଏଠାରେ ରହିଛି ଏକାଧିକ ସୁନ୍ଦର ପର୍ଯ୍ୟଟନସ୍ଥଳୀ। ଖାସ୍‌କରି ଏଠାରେ ଦେଖିବାକୁ ମିଳୁଥିବା ଜଙ୍ଗଲ ପରିବେଷ୍ଟିତ ପାହାଡର ଅପୂର୍ବ ଦୃଶ୍ୟ ବେଶ୍ ଆଖିଦୃଶିଆ ହୋଇଥାଏ। ଏହାଛଡ଼ା ଏଠାରେ ବି ଦେଖିବାକୁ ମିଳେ ହ୍ରଦ ଏବଂ ଏକାଧିକ ବୌଦ୍ଧ ମଠ। କେବଳ ପର୍ଯ୍ୟଟନ ଦୃଷ୍ଟି କୋଣରୁ ନୁହେଁ ଏଠାକାର ସଂସ୍କୃତି ଓ କଳା ମଧ୍ୟ ବେଶ୍ ସମୃଦ୍ଧ ଆଉ ହୃଦୟସ୍ପର୍ଶୀ। ଖାସ୍ ସେଥିପାଇଁ ବର୍ଷକ ବାରମାସ ଏଠାରେ ପର୍ଯ୍ୟଟକଙ୍କର ବେଶ୍ ଗହଳି ପରିଲକ୍ଷିତ ହୋଇଥାଏ।

### କ’ଣ ଦେଖିବେ


ଏଠାରେ ପର୍ଯ୍ୟଟକ ଦୁବ୍‌ଦି ନାମରେ ଏକ ଲୋକପ୍ରିୟ ବୌଦ୍ଧ ମଠ ଦେଖିବାର ସୁଯୋଗ ପାଇପାରିବେ। ଏହି ମଠକୁ କେହି କେହି ୟୁକସୋମ ମଠ ବୋଲି ବି କହିଥାନ୍ତି। ଇତିହାସ ପୃଷ୍ଠା ଓଲଟାଇଲେ ଜଣାଯାଏ ଯେ, ୧୭୦୧ ମସିହାରେ ନିର୍ମିତ ହୋଇଥିବା ଏହି ବୌଦ୍ଧ ମଠଟି ଆଜିବି ତା’ର ଆକର୍ଷଣୀୟ ପରିପାଟିରେ ଆଗନ୍ତୁକଙ୍କୁ ସ୍ୱାଗତ କରିବାକୁ ୟୁକସୋମରେ ସେମିତି ଦଣ୍ଡାୟମାନ ହୋଇ ରହିଛି। କେବଳ ଏହି ଗୋଟିଏ ମଠ ନୁହେଁ, ୟୁକସୋମର ନିକଟବର୍ତ୍ତୀ ଅଞ୍ଚଳରେ ଆହୁରି ଅନେକ ଛୋଟବଡ଼ ମଠ ଦେଖିବାକୁ ମିଳିଥାଏ। ଯେମିତିକି: ପେମୟାଙ୍ଗସେ ମଠ, ସାଙ୍ଗ ଚୋଏଲିଂ ମଠ, ତାସିଡିଂ ମଠ ଇତ୍ୟାଦି ଅନ୍ୟତମ। ବୌଦ୍ଧମଠ ବ୍ୟତିତ ପର୍ଯ୍ୟଟକ ଏଠାରେ ଖେଚେଓପଲ୍‌ରି ନାମରେ ଏକ ହ୍ରଦ ବି ଦେଖିବାର ମଜା ନେଇପାରିବେ। କେବଳ ସେତିକି ନୁହେଁ, ସମୁଦ୍ରପତ୍ତନଠାରୁ ପ୍ରାୟ ୧୭୮୦ ମିଟର ଉଚ୍ଚତାରେ ଥିବା ଏହି ସହରରେ ପର୍ଯ୍ୟଟକ ଅନେକ ଜଙ୍ଗଲ ପରିବେଷ୍ଟିତ ପାହାଡ ଦେଖିବାର ମଜା ମଧ୍ୟ ନେଇପାରିବେ।

### ଇକୋ-ଟୁରିଜିମ୍‌ରେ ବି ନାଁ ରହିଛି

ଇକୋ-ଟୁରିଜିମ୍ କ୍ଷେତ୍ରରେ ବି ୟୁକସୋମର ରହିଛି ବେଶ୍ ନାଁ ଆଉ ଖ୍ୟାତି। ପାହାଡ, ପର୍ବତ ଘେରା ଏହି ଅଞ୍ଚଳର ଲୋକମାନେ ପରିଷ୍କାର, ପରିଚ୍ଛନ୍ନତା ଉପରେ ବିଶେଷ ଧ୍ୟାନ ଦେଇଥାନ୍ତି।

### ଟ୍ରେକିଂ ପାଇଁ ବି ପ୍ରସିଦ୍ଧ

ପାହାଡ ପର୍ବତ ଘେରା ଏହି ଅଞ୍ଚଳରେ ଟ୍ରେକିଂ ପାଇଁ ବି ରହିଛି ବେଶ୍ ସୁବିଧା ସୁଯୋଗ। ଖାସ୍ ସେଥିପାଇଁ ଦୁଃସାହସିକ ପର୍ଯ୍ୟଟନରେ ରୁଚି ରଖୁଥିବା ପର୍ଯ୍ୟଟକଙ୍କର ଏଠାରେ ବେଶ ଭିଡ଼ ଜମିଥାଏ।



### କେବେ ଓ କେମିତି ଯିବେ

ୟୁକସୋମକୁ ବର୍ଷକ ବାରମାସ ବୁଲି ଯିବାର ସୁବିଧା ଥିଲେ ହେଁ, ସ୍ଥାନୀୟ ପାଣିପାଗ ସୂଚନାକେନ୍ଦ୍ରର ମତାନୁଯାୟୀ, ଡିସେମ୍ବରରୁ ଫେବୃୟାରୀ ଏଠାରେ ବହୁତ ଥଣ୍ଡା ଅନୁଭବ ହୋଇଥାଏ। ତେଣୁ ଏଠାକୁ ଭ୍ରମଣରେ ଯିବା ପାଇଁ ମାର୍ଚ୍ଚରୁ ଜୁନ୍ ଏବଂ ସେପ୍ଟେମ୍ବରରୁ ନଭେମ୍ବର ହେଉଛି ସବୁଠୁ ଭଲ ସମୟ। ସେହିପରି ଏଠାକୁ ଯିବା ସକାଶେ ଗମନାଗମନର ବି ଭଲ ବ୍ୟବସ୍ଥା ରହିଛି। ପର୍ଯ୍ୟଟକ ଟୁରିଷ୍ଟ ବସ୍ ହେଉ ଅବା ନିଜସ୍ୱ ଗାଡିରେ ମଧ୍ୟ ଆରାମରେ ଯାଇ ଏଠାରେ ପହଁଞ୍ଚିପାରିବେ।











# ହାତ ଓ ପାଦର କମାଲ



ରୁ୍ୟବିକ୍ କ୍ୟୁବ୍ ସମାଧାନ କରିବା କେତେ କଷ୍ଟ ସମସ୍ତେ ଜାଣନ୍ତି। ହେଲେ କେତେଜଣ ଥାଆନ୍ତି ଯେଉଁମାନେ ବେଶ୍ ସରଳତାର ସହ ଏହାକୁ ସମାଧାନ କରିପାରନ୍ତି। ତେବେ ସମାନେ କେବଳ ହାତ ସାହାଯ୍ୟରେ ସମାଧାନ କରୁଥିବା ଦେଖିଥିବେ। ହେଲେ ବାଙ୍ଗାଲୁରର ୮ ବର୍ଷୀୟ ବାଳକ ଆର୍ଥବ ଆର୍ ଭଟ୍ଟ ଏକା ସମୟରେ ଉଭୟ ହାତ ଓ ପାଦରେ ଦୁଇଟି କ୍ୟୁବ୍ ସମାଧାନ କରିପାରନ୍ତି। ଏଭଳି କାରନାମା କରି ସେ ଗିନିଜ ୱାର୍ଲଡ ରେକର୍ଡସ୍‌ରେ ବି ସ୍ଥାନ ପାଇପାରିଛନ୍ତି। ଆର୍ଥବ ଦେଢ ମିନିଟରେ ତିନୋଟି କ୍ୟୁବ୍ ସମାଧାନ କରି ଉକ୍ତ ରେକର୍ଡ କରିଛନ୍ତି। ହାତ ସାହାଯ୍ୟରେ ଏତିକି ସମୟରେ କ୍ୟୁବ୍ ସମାଧାନ କରିବା ଅନେକଙ୍କୁ ଅସମ୍ଭବ ମନେହୋଇଥାଏ। କିନ୍ତୁ ଆର୍ଥବ ଏହାକୁ ଏକାସାଙ୍ଗରେ ଉଭୟ ହାତ ଓ ପାଦରେ କରି ସମସ୍ତଙ୍କୁ ଚକିତ କରିଦେଇଛନ୍ତି।

## କାର୍ଟୁନ କର୍ନର





## କଥା ଚାଟ୍

ଶ୍ରୀମାନ୍ ସର୍ବଗିଳା

# ଗୋରୁମୁଣ୍ଡ ଥାପି କପାତୋଳା

ଚନିଆ ବନାମ ଚୈତନ୍ୟ ବାବୁଙ୍କର ଚେତନା ଜାଗ୍ରତ ହେଲା । ନା, ଆଉ ସେ ନିଜ ପ୍ରାଣପ୍ରିୟା ପତ୍ନୀଙ୍କୁ ଗାଁରେ ଛାଡି ବାହାର ରାଇଜରେ ପଡି ବହୁରାଷ୍ଟ୍ରୀୟ କମ୍ପାନୀ ଅଧୀନରେ ଚାକିରୀ କରି କୁଡ଼ କୁଡ଼ ଟଙ୍କା କମେଇ ପତ୍ନୀଙ୍କୁ ମାତୃତ୍ୱରୁ ବଞ୍ଚିତ କରି ଆପଣା କୁଳ ବୁଡେଇ ପାରିବେନି । ବରଂ ନିଜ ଗାଁକୁ ଫେରିଯାଇ ରାଜନୀତିରେ ସକ୍ରିୟ ଭାଗନେଇ ବୈଜ୍ଞାନିକ ପଦ୍ଧତିରେ ଲୋକମାନଙ୍କ ସେବା କରିବେ । ଭେଣ୍ଡିଆମାନଙ୍କୁ ଆଉ ଚାଷ ନ କରି ଚାଆସ ଖେଳିବାକୁ ଅଥବା ଦାଦନ ଖଟିବାକୁ ସୁଯୋଗ ନ ଦେଇ କର୍ମନିଯୁକ୍ତି ଦେବେ । ନିସ୍ୱାର୍ଥପର ଭାବରେ କେମିତି ଅର୍ଥ ରୋଜଗାର କରିହୁଏ ବେକାରିଆଙ୍କୁ ଶିଖେଇବେ । ତହୁଁ ଉଚ୍ଚ ବେତନର ଚାକିରୀକି ବେଖାତିର କରି ଇସ୍ତଫା ଦେଇ ମୁଣାଭର୍ତ୍ତି ସ୍ୱପ୍ନ ମୁଣ୍ଡରେ ଧରି ଗାଁକୁ ଧାଇଁଲେ । ବେଶ କିଛି ମୋଟା କମେଇରେ ଜମେଇଥିବା ଟଙ୍କାରେ ଚନିଆ ବାବୁ ଗାଁ ଯୁବ ବନ୍ଧୁମାନଙ୍କୁ ଏକାଠି କରି ଭଲ ଇଟିଂ ସହ ମିଟିଙ୍ଗି ବ୍ୟବସ୍ଥା କଲେ । ମନଲୋଭା ଭୋଜି କି ମନକୁ ମନେଇଲା ଭଳିଆ ଭାଷଣ ଦେଇ, ଆପଣା ଇଚ୍ଛା ପ୍ରକାଶ କରନ୍ତେ.. ଉଚ୍ଚ ଶବଦର ତାଳିରୁ ତାଙ୍କ ମହତ ଇଚ୍ଛାକୁ ପୂର୍ଣ୍ଣ ସମର୍ଥନ ମିଳିଲା । ଲୋକେ କୁହାକୁହି ହେଲେ ଏପରି ଉଚ୍ଚଶିକ୍ଷିତ କର୍ମଠ ଉଚ୍ଚ ଅଭିଳାଷଯୁକ୍ତ ଯୁବକ ବହୁ ଆଗରୁ ରାଜନୀତିକି ଆସିବାର ଥିଲା । ଦିନେ ଗୋଟେ ନାଁ କରା ଦଳରେ ବହୁ ବଡ଼ ବଡ଼ ନେତୃବୃନ୍ଦଙ୍କ ଗହଣରେ ବିରାଟ ମଞ୍ଚରେ ବଡ ଫୁଲମାଳ ବଡ଼ ଫୁଲତୋଡ଼ାରେ ସମ୍ବର୍ଦ୍ଧନା ସହ କର୍ମୀ ଭାବରେ ଯୋଗଦେଲେ । ମଞ୍ଚରେ ଚନିଆ ବାବୁଙ୍କ ପ୍ରଥମ ଭାଷଣ ସମସ୍ତଙ୍କୁ ତାଜୁବ୍ ଖାଲି କଲା ତା ନୁହଁ ବରଂ ତାଙ୍କ ସାହସ, ପାରିବାପଣିଆକୁ ତାରିଫ କରୁ କରୁ ଅନେକେ ସତ୍ୟଯୁଗ ଏଇ ଫେରିଲା ବୋଲି ସପନଦେଖା ଆରମ୍ଭ କଲେ । ସେ ବି ଅନ୍ୟରାଜ୍ୟ କେମିତି ଦ୍ରୁତ ଉନ୍ନତି କରୁଛି ଉଦାହରଣ ଦେଇ ସୁନ୍ଦରଭାବେ ବୁଝେଇ କହିଲେ । ବେକାର ଯୁବକଙ୍କ କର୍ମନିଯୁକ୍ତି ହେଲାବୋଲି ଜାଣ । ଏରିଆର ସର୍ବାଙ୍ଗୀନ ଉନ୍ନତି ଆଉ ଏଣିକି କଥା ନୁହେଁ କରାମତି କାମରେ ହେଲା ବୋଲି ବିଶ୍ୱାସ ଘନେଇଲା ।

ହେ ମୋର ବେଲାଇନିଆ ଯୁବ ବନ୍ଧୁଗଣ ! ଏଥର ଲାଇନିରେ ଆସି ଅନଲାଇନିରେ ପ୍ରଚାର ପାଇଁ ପ୍ରସ୍ତୁତ ହୁଅ । ପୁରୁଣା ମେଥଡ଼ ଛାଡ଼.. ଏଣିକି ନୂଆପାଠ ପଢ଼ । ନୂଆ ଦୁନିଆଁ ନୂଆ ଭବିଷ୍ୟତ ଗଢ ।

ଯା ହଉ ପୁରୁଣା ନେତାଙ୍କୁ ପଛରେ ପକେଇ ନୂଆକରି ସରପଞ୍ଚ ପାଇଁ ଟିକଟ ପାଇ ନ ହଜାର ନ ଶହ ନବେଖଣ୍ଡ ଭୋଟରେ ଜିତି ଚନିଆବାବୁ ନବନିର୍ବାଚିତ ସରପଞ୍ଚ ହୋଇ ସିଂହାସନରେ ଉପବେଶନ କଲେ । ଯଦିଓ ହିସାବରୁ ଢ଼େରେ ଅଧିକ ଖର୍ଚ୍ଚ ନିର୍ବାଚନରେ ହେଲା, ତଥାପି ଜିତିବାରୁ ମନଖୋଲି



ହସିଲେ । ଦେଇଥିବା ପ୍ରତିଶ୍ରୁତି କହିଥିବା କଥା ପୂରଣ ପାଇଁ ସଂକଳ୍ପ କଲେ । ଆଗରୁ ତ ବହୁନେତା ରାସ୍ତା ଘାଟ ପାଣି ପବନ କଥା କହି ଠକୁଥିଲେ , ହେଲେ ବାବୁଙ୍କ ସ୍ୱପ୍ନ ନିଆରା । କୃଷି, ଗୋପାଳନ, ମାଛ ଚାଷ, ଉଦ୍ୟାନ କୃଷି, କୁକ୍କୁଡ଼ା ପାଳନ ଠାରୁ ଏ ସବୁର ସଂରକ୍ଷଣ କେନ୍ଦ୍ର, ବିକ୍ରୟ କେନ୍ଦ୍ର, ବିଜୁଳି ପାଇଁ ସୌର ଶକ୍ତି, ଗୋବର ଗ୍ୟାସ ପ୍ଲାଣ୍ଟ ପରି ଅନେକ ଯୋଜନା ପାଇଁ ଉଦ୍ୟମ କରାଯିବ । ଯାହାଦ୍ୱାରା ଆଉ କେହି ବାହାରକୁ ଗୋଡିଖଟି ଯିବେନି କି କରୋନା ହେଉ କି ଯୁଦ୍ଧ ଭଳିଆ ପରିସ୍ଥିତି ହେଉ, କେହି ଆଉ କଲବଲ ହେଇ କାନ୍ଦି କାନ୍ଦି ବେରୋଜଗାର ହୋଇ ଘରକୁ ଫେରିବେନି ।

ଢ଼େରେ ଦିନ ଗଲାଣି । ଏ କ'ଣ ହେଉଛି ? ଯେତେ ଦିନ ଗଡୁଛି, ଚନିଆ ବାବୁଙ୍କ ଯୋଜନାସବୁ ଯୋଜନ ଯୋଜନ ଦୂରକୁ ଘୁଞ୍ଚି ଘୁଞ୍ଚି ଯାଉଛି । ସେ ନାଁକୁ ମାତ୍ର ନେତା – କର୍ତ୍ତା । ମାତ୍ର ତାଙ୍କ ପାଖଲୋକ ଯେମିତି ତାଙ୍କୁ କାଖତଳେ ଚାପି ଧରିଛନ୍ତି । ସେ ଅଣନିଶ୍ୱାସୀ ହୋଇଯାଉଛନ୍ତି । ତାଙ୍କୁ ଶୁଣିବାକୁ ପଡୁଛି –ସେ ନିର୍ବାଚନରେ ଜିତି ନାହାନ୍ତି । ବରଂ ଏଇ ପାଖଲୋକ ତାଙ୍କୁ ଜିତେଇ ଆସନରେ ବସେଇଛନ୍ତି । ତେଣୁ ସେ ନିଜ ଇଚ୍ଛାରେ କିଛି କରିପାରିବେନି । ତେଣୁ ଯୋଉ ତେଲମରା ଗୋଡାଣିଆ ପ୍ରଚାରକ, ପାଖଲୋକ, ଯୁବକ, ଚାଉପାସେ ବେଢ଼ିଛନ୍ତି, ତାଙ୍କ କାମ ତାଙ୍କ ଇଚ୍ଛା ପୂରାହେବା ଆଗ ଦର୍କାର । ଯାହାର ଆଠ ବାଖୁରିଆ ଦି ମହଲା କୋଠା ଅଛି, ଆବାସ ଯୋଜନା ତାଙ୍କ ନାଁରେ ସାଂକସନ୍ କରି ଲକ୍ଷାଧିକ ଟଙ୍କା ହେଇ ଦେବା ଉଚିତ । ଯାହାର ତିନି /ପାଞ୍ଚ ଏକର ଜମିରୁ ଧାନ, ମୁଗ, ବିରି, କୁଇଣ୍ଟାଲ କୁଇଣ୍ଟାଲ ଅମଳ ହୋଇ ମୋଟା ଟଙ୍କା ରୋଜଗାର, ତାରି ନାଁରେ ଖାଉଟି କାର୍ଡ ହେବା ଦରକାର । ଗୋରୁ ନଥିବା ଗୁହାଳ ବାତ୍ୟାରେ ଭାଙ୍ଗିଛି ଦେଖେଇ ଅନେକଥର କ୍ଷତିପୂରଣ ମିଳିବା ତାଙ୍କର ଉଚିତ । ଲୁଖୁରା ଗରୀବ ଅଭାବ ଭୋକରେ ଖୁଁ ଖୁଁ ହେଇ ମରୁ । ତେଲମରା ଏଇ ତୋଷାମଦିଆ ପାଖଲୋକଙ୍କର ଉପୁରି ଟଙ୍କାରେ ମଦ ମାଉଁସରେ ପେଟ ଭରୁ.. ତାଙ୍କ ଫାମିଲି ଚଳୁ । ତାଙ୍କରିଇଚ୍ଛାରେ ଗୋଟେ ପୋଖରୀ ଦେଖେଇ ଦଶ ପୋଖରୀ ଖୋଳା ସରିଛି । ଦଶଟା ପାଇଖାନା ଦେଖେଇ ଦେଖେଇ ହଜାରେ ପାଇଖାନା ତିଆରି ସରିଛି । ମଗଜଖଟେଇ କାଗଜପତ୍ରରେ କାମ ସରିଛି । ଫୋଟୋଉଠାତା'ର ପ୍ରମାଣ ଅଛି । ବାବୁ ଯେଉଁ ପ୍ରତିଶ୍ରୁତି ଦେଇ ସଂକଳ୍ପ ନେଇ, ଯୋଉ ଗରୀବଙ୍କ ପାଇଁ ଆସନରେ ବସିଲେ, ତାଙ୍କ ପାଇଁ ରାସନ ଗଣ୍ଡେ ଦେବା ସମ୍ଭବ ହେଉନି । ବରଂ ଅମୁକ ବାବୁଙ୍କ ସମୁକ ଡାହାମିଛ ବିଲ୍ ପାସ ନକଲେ ଡରି ମରି ଜିଇଁବାକୁ ପଡୁଛି । ପିଲାଦିନେ ନଈ ପହଁରାରୁ ନାଆ ଚଳେଇ କୂଳରେ ପହଂଚିବା ଜାଣିଥିଲେ । ହେଲେ ବଢ଼ିନଈର ସୁଅଠୁ ବେଶି ବିପଦ ଏ ନିର୍ବାଚନ ବୈତରଣୀ ଜାଣିନଥିଲେ ।

ଦିନେ ସେ ଅଦ୍ଭୁତ ସ୍ୱପ୍ନ ଦେଖିଲେ.. ନାଉରୀ ହୋଇ ନାଆରେ ଭରା ପାସେଞ୍ଜର ବସେଇ ନଦୀ ପାର କରେଇବାର ପ୍ରତିଶ୍ରୁତି ଦେଇ ସାରା ରାତି କାତ ମାରି ମାରି ହାଲିଆ । ସକାଳ ହେଲା । ତଥାପି ଡ଼ଙ୍ଗା ଆଉ କୂଳରେ ଲାଗିବା ତ ଦୂରର କଥା ଏ କୂଳରୁ ହାତେ ବି ଘୁଞ୍ଚିନି । ଅସଲକଥା ହେଲା ଘାଟିଆ ଡ଼ଙ୍ଗାକୁ କୂଳରେ ଏମିତି ଜୋରରେ ଅଦୃଶ୍ୟ ଭାବରେ ବାନ୍ଧିଦେଇଛି ଯେ.. ଆହୁଲା କାତ ମାରି ମାରି ହାଲିଆ.. ଅଥଚ ନାଆ ଜୋଉଠିକି ସେଇଠି । ଏବେ ସେ ଏଇ ସ୍ୱପ୍ନର ଅସଲ ଅର୍ଥ ବୁଝୁଛନ୍ତି । ଭାବୁଛନ୍ତି.. ଆଜିର ରାଜନୀତି ଏମିତି କପା କିଆରୀ, ଯେଉଁଠି ନାଁ କୁ ମାତ୍ର ଗୋରୁମୁଣ୍ଡ ଖପୁରୀକି ଜଗୁଆଳି ବୋଲି ଥପା ହୋଇଥାଏ । କପା ଯେମିତି ଚୋରୀ ହେବାକଥା ହେଉଥାଏ..!

–ମଙ୍ଗରାଜପୁର, ପୁରୀ
ମୋ: ୭୦୦୮୧୮୮୮୪୭

## ପୁସ୍ତକ ସମୀକ୍ଷା

### ନଷ୍ଟନୀଡ଼ର ଉପକଥା

**ବିଜୟ କୁମାର ଶତପଥୀ**
**ପ୍ରକାଶକ–ଅଗ୍ରଦୂତ, କଟକ**
**ମୂଲ୍ୟ–୧୦୦ଟଙ୍କା**

ନଷ୍ଟନୀଡ଼ର ଉପକଥା ପ୍ରଫେସର ବିଜୟ ଶତପଥୀଙ୍କ ନାଟକ ପୁସ୍ତକ । ଏଥିରେ ପୁରୁଷ ଚରିତ୍ରରେ ନିଶିକାନ୍ତ ରହିଥିବା ବେଳେ ନାରୀ ଚରିତ୍ରରେ ସୁଷମାଙ୍କୁ ମୁଖ୍ୟ ନାୟିକା ଭାବେ ଗ୍ରହଣ କରାଯାଇଛି । ନାଟକଟି ଗଢି ଉଠିଛି ବିଘଟିତ ପାରିବାରିକ ଜୀବନର ମୂଲ୍ୟବୋଧକୁ ନେଇ । ବସ୍ତୁବାଦୀ, ସ୍ୱାର୍ଥପର ମଣିଷ ପାଇଁ ଆଜି ନୀତି, ମୂଲ୍ୟବୋଧ, ପରମ୍ପରା ସବୁ ଅର୍ଥହୀନ । ''ବୈକୁଣ୍ଠ ସମାନ ଆହା ଅଟେ ସେହି ଘର''– ଏ ଯେଉଁ ପରମ୍ପରା ଓ ଆଦର୍ଶ ତାହା ସାତପର ହୋଇଯାଇଛି । ଏଗୁଡିକ ଭାଙ୍ଗି ପଡୁଛି ବସ୍ତୁତାନ୍ତ୍ରିକତାର ନିର୍ମମ ଆଘାତରେ । ସ୍ନେହ, ପ୍ରେମ, ମମତା ଓ ଉଦାରତା ତିତିକ୍ଷା ଆଜି ରସାତଳଗାମୀ । ଅଥଚ କବି ନିଶିକାନ୍ତ ଓ ପତ୍ନୀ ସୁଷମା ସ୍ୱପ୍ନ ଦେଖିଥିଲେ ଏଇ ସୁନ୍ଦର ନୀଡ଼ର । ତ୍ୟାଗ ଓ ଭଲପାଇବା ଦେଇ ଗଢିଥିବା ଏଇ ନୀଡ଼ରେ ଦୁହେଁ, ଶେଷରେ ଆଖି ବୁଜିବେ ବୋଲି ଭାବିଥିଲେ । କିନ୍ତୁ ଭାଙ୍ଗିଗଲା ସେଇ ନୀଡ଼ । ସବୁ ପରିକଳ୍ପନା ଛାରଖାର ହୋଇଗଲା । ଏଇ ସ୍ୱପ୍ନ ଭଙ୍ଗର କାହାଣୀ କହେ ନାଟକ 'ନଷ୍ଟ ନୀଡ଼ର ଉପକଥା' । ଆଶା ପୁସ୍ତକଟି ଗୁଣି ଦର୍ଶକ ଓ ପାଠକଙ୍କୁ ଛୁଇଁବ ।




### ସ୍ନିଗ୍ଧତାରେ ବହ୍ନି

**ପ୍ରଫେସର ଧ୍ରୁବ ଚରଣ ନାୟକ**
**ପ୍ରକାଶକ–ଇଂ.ପ୍ରିୟବ୍ରତ ନାୟକ, ଭୁବନେଶ୍ୱର**
**ମୂଲ୍ୟ–୧୦୦ଟଙ୍କା**


ସ୍ନିଗ୍ଧତାରେ ବହ୍ନି ଧ୍ରୁବ ଚରଣ ନାୟକଙ୍କ କବିତା ସଂକଳନ । ଏଥିରେ ୪୫ଟି କବିତା ସ୍ଥାନ ପାଇଛି । ପ୍ରଥମେ ସେ ତାଙ୍କର ଗାଁ ବୀରଭଦ୍ରପୁରରେ ଶ୍ରାବଣୀ ସନ୍ଧ୍ୟା ଉପରେ କବିତା ଲେଖିଛନ୍ତି । ଯାହା ଯତିପାତ ଧର୍ମୀ । ଗାଁରେ ସନ୍ଧ୍ୟା ବର୍ଣ୍ଣନା ଲେଖକ ଏଠାରେ ଚମତ୍କାର ଭାବେ କରିଛନ୍ତି । ସେହିପରି କେତେକ କବିତାରେ ସ୍ନିଗ୍ଧ ପରିବେଶରେ ଅଶାନ୍ତିର ଝଡ ସୃଷ୍ଟି କରନ୍ତି ରାଜନେତା, ଯାହା ଫଳରେ ନିଜର ବିନାଶ ସହିତ ସେମାନେ ସମଗ୍ର ମାନବ ସମାଜର କ୍ଷତି ସାଧନ କରିଥାନ୍ତି । ସେହିପରି ବହ୍ନି ଓ ପତଙ୍ଗରେ କବି ସତକଥା କହିଛନ୍ତି । ବହ୍ନି ଗର୍ଭା ହେଉଛି ସମୀବୃକ୍ଷ, ବହ୍ନି ଗର୍ଭ ହେଉଛି ବାଉଁଶ ଗଛ । ଏମାନେ ଯଦି ବିଧି ବିଧାନ ଲଘଂନ୍ତି ନିଜେ ନାଶ ଯାନ୍ତି । ଆଶ୍ରିତକୁ ନାଶି ଅନ୍ୟର କ୍ଷତି ସାଧନ୍ତି । 'ମାଟିମା'ରେ ମାତା ଗୁରୁରୋ ଭୂମୋ(ମହାଭାରତ) କଥାଟି ପ୍ରତିପାଦିତ । ଜାତି, ଧର୍ମ, ବର୍ଣ୍ଣ, କର୍ମ ଓ ଗୁଣ ନିର୍ବିଶେଷରେ ମାଟି ମା' ସବୁ ସନ୍ତାନଙ୍କୁ ଆଦରରେ କୋଳାଗତ କରିଥାଏ । କବି ସମସାମୟିକ ଘଟଣାକୁ ନେଇ କବିତା ରଚନା କରିଛନ୍ତି ଯାହା ଉଚ୍ଚକୋଟିର । ଏହା ପାଠକାଦୃତି ଲାଭ କରିବ ବୋଲି ଆଶା ।




### ଶ୍ରୀ ସାହିତ୍ୟ

**ଉତ୍କଳମଣି ଗୋପବନ୍ଧୁ ଦାସ ବିଶେଷାଙ୍କ**
**ସମ୍ପାଦନା– କୃଷ୍ଣ ନାୟକ**
**ମୂଲ୍ୟ– ୧୦୧ଟଙ୍କା**

ଶ୍ରୀ ସାହିତ୍ୟ ବିଷୁବ ସଂଖ୍ୟା ୨୦୨୨ ପ୍ରକାଶ ପାଇଛି । ଏହାକୁ ସମ୍ପାଦନା କରିଛନ୍ତି କୃଷ୍ଣ ନାୟକ । ୪୫୨ ପୃଷ୍ଠାର ପୁସ୍ତକଟି ଗୋପବନ୍ଧୁ ଦାସଙ୍କ ଉପରେ ସ୍ୱତନ୍ତ୍ର ବିଶେଷାଙ୍କ ହୋଇଛି । ଗୋପବନ୍ଧୁଙ୍କ ଜୀବନକୁ ଏଥିରେ ୭ଟି ଭାଗରେ ବିଭକ୍ତ କରାଯାଇଛି । ସେବାଶ୍ରୀ, ଶିକ୍ଷାଶ୍ରୀ, ସାମ୍ବାଦିକ ଶ୍ରୀ, ସାହିତ୍ୟଶ୍ରୀ, କବିତାଶ୍ରୀ, ସଂଗ୍ରାମଶ୍ରୀ ଏବଂ ସ୍ୱତନ୍ତ୍ରଶ୍ରୀ । ପୁସ୍ତକରେ ପ୍ରଫେସର ଅଜିତ ମହାନ୍ତି, ଦେବ ପ୍ରସାଦ ଦାଶ, ଧୀରେନ୍ଦ୍ର କୁମାର ଦାସ, କୁମୁଦିନୀ ରାୟ, ଦେବେନ୍ଦ୍ର ଦାଶ, କୃଷ୍ଣ ଚନ୍ଦ୍ର ଭୂୟାଁ, ଚନ୍ଦ୍ରଶେଖର ହୋତା ଆଦିଙ୍କ ଚମତ୍କାର ପ୍ରବନ୍ଧମାନ ସ୍ଥାନିତ ହୋଇଛି । ଏଥିରେ ଗୋପବନ୍ଧୁଙ୍କ ସାହିତ୍ୟ, ସମାଜ ସେବା, ସାମ୍ବାଦିକତା ଓ ଆହୁରି ଅନେକ ଦିଗ ଉପରେ ବିଭିନ୍ନ ବର୍ଗରୁ ଆଲୋଚନା କରାଯାଇଛି । ସେହିଭଳି ଗୋପବନ୍ଧୁଙ୍କ ଜୀବନୀକୁ ନେଇ କେତେକ କବିତା ସ୍ଥାନ ପାଇଛି । ବିଶିଷ୍ଟ କବି ଗୀରିଜା ବଳିଆରସିଂ, ହୃଷୀକେଶ ମଲ୍ଲିକ ଓ ମଙ୍ଗଳା ପ୍ରସାଦ ମହାନ୍ତିଙ୍କ କବିତା ସ୍ଥାନ ପାଇଛି । ଶ୍ରୀ ସାହିତ୍ୟର ଚଳିତ ସଂଖ୍ୟାଟି ସଂଗ୍ରହଣୀୟ ; ଯାହା ପାଠକାଦୃତି ପାଇବ ବୋଲି ଆଶା କରାଯାଏ ।



ବ୍ୟାକ୍ ପେଜ୍

# ବୁଡିବେନି ଏଇ ହ୍ରଦରେ

ପାଣିକୁ ଅନେକେ ଡରନ୍ତି। ସମୁଦ୍ର, ହ୍ରଦ ଦେଖିଲେ ତ ବୁଡିଯିବା ଭୟରେ ସେମାନଙ୍କ ଦେହ ଥରିଯାଏ। କିନ୍ତୁ ଆମେ ଏମିତି ଏକ ହ୍ରଦ ବିଷୟରେ କହିବୁ ଯାହା ମଧ୍ୟକୁ ଗଲେ ପାଣିକୁ ଭୟ କରୁଥିବା ମଣିଷଙ୍କ ଭୟ ଦୂର ହୋଇଯିବ। କାରଣ ଏହି ହ୍ରଦରେ କେହି କେବେ ବୁଡିବେ ନାହିଁ। ଏକଥା ଶୁଣି ଆଶ୍ଚର୍ଯ୍ୟ ଲାଗୁଥିବ। କିନ୍ତୁ ଏମିତି ଏକ ହ୍ରଦ ଇଜିପ୍ଟସ୍ଥ ମିଶରର ପଶ୍ଚିମ ଭାଗରେ ଥିବା ମରୁଭୂମିରେ ଅଛି। ଅନେକେ ଏହାକୁ ଜାଦୁ ହ୍ରଦ ବି କହନ୍ତି। କାରଣ ଏହାର ପାଣିରେ ଜଣେ ଚାହିଁଲେ ବି ବୁଡିପାରିବ ନାହିଁ ବରଂ ଭାସିବେ। 'ସିୱା ଓଏସିସ୍' ନାମକ ଏହି ହ୍ରଦ ମିଶରରେ 'ସଲ୍ଟ ଲେକ୍' ନାମରେ ବି ପରିଚିତ। ଏଠାରେ ସବୁବେଳେ ପର୍ଯ୍ୟଟକଙ୍କ ଭିଡ ଜମେ। କାରଣ ପହଁରା ନ ଶିଖିଥିବା ଲୋକ ବି ପାଣିରେ ଭାସିବାର ମଜା ଏଠାରେ ଉଠାଇପାରନ୍ତି। ତେବେ ଏଭଳି ହେବା ପଛର କାରଣ ହେଉଛି, ଏହି ଜଳରେ ୯୫%ରୁ ଊର୍ଦ୍ଧ୍ୱ ଲବଣର ମାତ୍ରା ରହିଛି। ଉକ୍ତ ହ୍ରଦ ଜଳର ରଙ୍ଗ ସମ୍ପୂର୍ଣ୍ଣଭାବେ ନୀଳ ଓ ଗଭିରତା ୪ ମିଟର।





# ବେଲୁନବାଲୀରୁ ମଡେଲ



ଆଜିର ଡିଜିଟାଲ ଦୁନିଆରେ କିଏ ରାତାରାତି ଷ୍ଟାର ପାଲଟି ଯାଉଛନ୍ତି ତ ଆଉ କିଏ ଷ୍ଟାରରୁ ଜିରୋ। ଅନେକ ଗରିବ ଅଭାବି ମଣିଷ ସୋସିଆଲ ମିଡିଆ ସାହାଯ୍ୟରେ ସାରା ଦୁନିଆରେ ପରିଚିତି ହାସଲ କରିବା ସହ ଲକ୍ଷ ଲକ୍ଷ ଟଙ୍କା ରୋଜଗାର ବି କରିପାରୁଛନ୍ତି। ହଠାତ୍ ବଦଳି ଯାଉଛି ଅନେକଙ୍କ ଜୀବନ। ଯେମିତିକି ଭିକ ମାଗୁଥିବା ରାନୁ ମଣ୍ଡଳ, କଚ୍ଚା ବାଦା ଗୀତ ଗାଇ ବାଦାମ ବିକ୍ରି କରୁଥିବା ଭୁବନ ବଦ୍ୟାକର। ଠିକ୍ ସେହିଭଳି ବେଲୁନ ବିକ୍ରି କରୁଥିବା ଜଣେ ଯୁବତୀଙ୍କ ସହ ବି ଘଟିଛି। ରାଜସ୍ଥାନୀ ପରିବାରର କିସ୍‌ବୁ ନାମ୍ନୀ ଏହି ଯୁବତୀ କେରଳରେ ବେଲୁନ୍ ବିକ୍ରି କରୁଥିଲେ। ମେଳା ମହୋତ୍ସବ ସହ ବିଭିନ୍ନ ଜନଗହଳି ସ୍ଥାନରେ ସେ ବେଲୁନ ବିକ୍ରି କରିଥାନ୍ତି। ନିକଟରେ ସେ କେରଳର ଅଣ୍ଡଲୁର କାବୁ ଉତ୍ସବରେ ବେଲୁନ୍ ବିକୁଥାନ୍ତି। ଏତିକିବେଳେ ତାଙ୍କ ଉପରେ ନଜର ପଡିଥିଲା ଅର୍ଜୁନ କୃଷ୍ଣନ ନାମକ ଜଣେ ଫଟୋଗ୍ରାଫର୍‌ଙ୍କର। ତାଙ୍କୁ କିସ୍‌ବୁ ବହୁତ ସୁନ୍ଦର ଲାଗିଥିଲେ। ଆଉ ତାଙ୍କର ଅନେକ ଫଟୋ ଉଠାଇବାକୁ ଲାଗିଲେ। ବିନା ଏଡିଟ୍‌ରେ ହିଁ ସେ ସୋସିଆଲ ମିଡିଆରେ ଅପ୍‌ଲୋଡ ବି କରିଦେଲେ। ଦେଖୁ ଦେଖୁ ଫଟୋଟି ଭାଇରାଲ ହୋଇଗଲା। ଲୋକେ ଏହାକୁ ବହୁତ ପସନ୍ଦ କଲେ। ଏହାପରେ ଅର୍ଜୁନଙ୍କ ସାଙ୍ଗ ବି କିସ୍‌ବୁଙ୍କ ଫଟୋ ଉଠାଇ ସେସିଆଲ ମିଡିଆରେ ଅପଲୋଡ କରିଥିଲେ। ଲୋକେ ତାକୁ ବି ପସନ୍ଦ କଲେ। ଏହା ଦେଖି ଅର୍ଜୁନ ଓ ତାଙ୍କ ବନ୍ଧୁ କିସ୍‌ବୁଙ୍କର ଫଟୋଶୁଟ୍ କରାଇଲେ। ସେହି ଫଟୋସବୁକୁ ତ ଲୋକଙ୍କର ଅଜସ୍ର ଭଲ ପାଇବା ମିଳିଲା। ଫଟୋଗୁଡିକ ଭାଇରାଲ ହୋଇଗଲା। ଏବେ କିସ୍‌ବୁଙ୍କ ନିକଟକୁ ମଡେଲିଂର ଅନେକ ଅଫର୍ ଆସୁଛି। ଆଉ କିସ୍‌ବୁଙ୍କ ଜୀବନ ବଦଳିଯାଇଛି।





# ଡେଙ୍ଗା ପରିବାର

ଡେଙ୍ଗା ଲୋକଙ୍କ ବ୍ୟକ୍ତିତ୍ୱ ସମସ୍ତଙ୍କୁ ଆକର୍ଷିତ କରେ। ତେଣୁ ଡେଙ୍ଗା ହେବାକୁ ସମସ୍ତଙ୍କର ଇଚ୍ଛା ଥାଏ। ହେଲେ ଏଭଳି ଶରୀର ସମସ୍ତଙ୍କୁ ମିଳି ନ ଥାଏ। ତେବେ ଜାଣି ଆଶ୍ଚର୍ଯ୍ୟ ହେବେ ଆମେରିକାର ଏକ ପରିବାରର ସମସ୍ତ ସଦସ୍ୟ ଏତେ ଡେଙ୍ଗା ଯେ, ସେମାନେ ପୃଥିବୀର ସବୁଠାରୁ ଡେଙ୍ଗା ପରିବାର ଭାବେ ଗିନିଜ ୱାର୍ଲଡ ରେକର୍ଡସ୍‌ରେ ସ୍ଥାନ ପାଇଛନ୍ତି। ଏହି ପରିବାରର ସଦସ୍ୟ ସଂଖ୍ୟା ହେଉଛି ୫ ଜଣ। ଏମାନଙ୍କର ହାରାହାରି ଉଚ୍ଚତା ୬ ଫୁଟ ୮.୦୩ ଇଞ୍ଚ ଅଟେ। ପରିବାରର ସବୁଠାରୁ ଡେଙ୍ଗା ହେଉଛନ୍ତି ସାନ ପୁଅ ଏଡମ ଟ୍ରାପ୍। ତାଙ୍କ ବୟସ ୨୨ ବର୍ଷ ଓ ତାଙ୍କ ଉଚ୍ଚତା ୭ ଫୁଟ୍ ୩ ଇଞ୍ଚ। ଏଡମଙ୍କ ବଡ଼ ଭାଇ ସବାନା ଟ୍ରାପ ବ୍ଲାଞ୍ଚଫିଲ୍ଡଙ୍କ ଉଚ୍ଚତା ୬ ଫୁଟ ୮ ଇଞ୍ଚ। ଏଡମ୍‌ଙ୍କ ଭଉଣୀ ମୌଲି ଷ୍ଟିଡିଙ୍କ ଉଚ୍ଚତା ୬ ଫୁଟ ୬ ଇଞ୍ଚ। ଆଉ ଏମାନଙ୍କ ମା'ଙ୍କ ଉଚ୍ଚତା ୬ ଫୁଟ ୩ ଇଞ୍ଚ ଓ ବାପାଙ୍କ ଉଚ୍ଚତା ୬ ଫୁଟ ୮ ଇଞ୍ଚ। ସମସ୍ତଙ୍କ ଉଚ୍ଚତା ମିଶାଇଦେଲେ ଟେନିସ୍ କୋର୍ଟର ଅଧା ଲମ୍ବା ସହ ସମାନ ହୁଏ। ଉଚ୍ଚତା ପାଇଁ କଲେଜ୍‌ରେ ତିନି ଭାଉ ଭଉଣୀଙ୍କୁ ଭଲିବଲ ଓ ବାସ୍କେଟବଲ୍ ଖେଳିବା ଲାଗି ଚୟନ କରାଯାଇଛି। ତେବେ ଏମାନେ ଅନେକ ସମସ୍ୟାର ସମ୍ମୁଖୀନ ବି ହୁଅନ୍ତି। ଯେମିତିକି ତାଙ୍କ ମାପର ଓ ମନପସନ୍ଦର ପୋଷାକ ଓ ଜୋତା ସେମାନେ ପାଇ ନ ଥାନ୍ତି। ଘରର ଦ୍ୱାର ତାଙ୍କୁ ଛୋଟ ହୁଏ। ହେଲେ ଏମାନେ ଏକାଠି ସାଙ୍ଗ ହୋଇ ଗଲାବେଳେ ସମସ୍ତେ କେବଳ ସେମାନଙ୍କୁ ହିଁ ଦେଖନ୍ତି।